# ଲୋକଙ୍କ ଘରଦ୍ୱାର କ୍ଷତି ନ କରିବାକୁ ଦାବି

## ଆର୍‌ଓବିକୁ ସଂଯୋଗ ରାସ୍ତା ନିର୍ମାଣ ପ୍ରସଙ୍ଗ

ଯାଜପୁର,୨୯।୩(ହର୍ଷବର୍ଦ୍ଧନ ବେହେରା)


ଚୂନଭାଟି ନିକଟରେ ନିର୍ମାଣାଧୀନ ରେଳ ଓଭର ବ୍ରିଜ୍।

ଯାଜପୁର ରୋଡ୍ ରେଲଷ୍ଟେଶନର ପଶ୍ଚିମକୁ ଚୂନଭାଟି ନିକଟରେ ଏକ ରେଳ ଓଭର ବ୍ରିଜ୍(ଆର୍‌ଓବି) ନିର୍ମାଣାଧୀନ ରହିଛି। ଏହି ପ୍ରକଳ୍ପ ସହ ୨ଟି ଲିମିଟେଡ୍ ହାଇଟ୍ ସବ୍‌ୱେ (ଏଲ୍‌ଏଚ୍‌ଏସ୍) ବା ଗଳିପୋଲ ନିର୍ମାଣ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୬।୨।୨୦୨୪ରେ ଭିଡିଓ କନଫରେନ୍ସ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ଗୋପବନ୍ଧୁ ଛକ ନିକଟରେ ଗଳିପୋଲ ଆଂଶିକ ଭାବେ କାର୍ଯ୍ୟକ୍ଷମ ହୋଇଥିବାବେଳେ ସାଇମନ୍ଦିର ନିକଟସ୍ଥ ପ୍ରସ୍ତାବିତ ଗଳିପୋଲ ଏଯାଏ ଆରମ୍ଭ ହୋଇ ପାରିନାହିଁ। ଏହାସହ ରେଲ୍‌ୱେ ପକ୍ଷରୁ ଆର୍‌ଓବି ନିର୍ମାଣାଧୀନ ରହିଥିବାବେଳେ ଏହାକୁ ସଂଯୋଗ କରିବାକୁ ଥିବା ଓଭରବ୍ରିଜ୍ ରାସ୍ତା ପାଇଁ ନିର୍ମାଣ ବିଭାଗ ପକ୍ଷରୁ ଏଯାଏ ଜମି ଅଧିଗ୍ରହଣ ହେଲା ନାହିଁ। ଏହିକ୍ରମରେ ନିର୍ମାଣାଧୀନ ଆର୍‌ଓବିର ଦକ୍ଷିଣ ପାର୍ଶ୍ୱରେ ଥିବା ଜୋକଡିଆ ମୁଖ୍ୟ ରାସ୍ତାର ମୁଣ୍ଡମାଳ ମୌଜାରେ ରାସ୍ତା ସଂଯୋଗ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏହିମର୍ମରେ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ମୁଣ୍ଡମାଳ ମୌଜାରେ ୧୦୦ ଏକରରୁ ଅଧିକ ସରକାରୀ/ଅନାବାଦୀ ଜମି ଥିବାବେଳେ ଏହି ଆରଓବିକୁ ସଂଯୋଗ ରାସ୍ତା ପାଇଁ ଠିକ୍ ଧ୍ୟାନ ଦିଆଯାଇନାହିଁ। ଆର୍‌ଓବିକୁ ସଂଯୋଗ ରାସ୍ତା ନିର୍ମାଣ ପାଇଁ ଭୁଲ ମ୍ୟାପ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ନଟପଡ଼ା, ଝଟିଆସାହି, ନୂଆମାର୍କେଟ, ବୀଣାପାଣିସାହି, ଗୋଶାଳା ଓ ମହତାବନଗରରେ ବସବାସ କରୁଥିବା ଲୋକେ କ୍ଷତିଗ୍ରସ୍ତ ହେବେ। ପରିବେଶ ପ୍ରଦୂଷଣ ବୃଦ୍ଧି ହେବ। ଓଡ଼ିଶାର ସମସ୍ତ ବାଇପାସ୍ ରାସ୍ତାକୁ ଅବଲୋକନ କଲେ ପ୍ରସ୍ତାବିତ ଏହି ରାସ୍ତା ସମ୍ପୂର୍ଣ୍ଣ ଭାବେ ବ୍ୟତିକ୍ରମ ହେବାକୁ ଯାଉଛି। କେନ୍ଦୁଝର ଜିଲା ବେଲବାହାଲି ବାଇପାସ୍ ରାସ୍ତା ପାଇଁ ବହୁ ସଂଘର୍ଷ ପରେ ଗ୍ରାମ ବାହାରେ ନିର୍ମାଣ ହୋଇଥିଲା। ଆଇଆଇଟି ଖଡ଼ଗପୁରର ଏକ ବିଶେଷଜ୍ଞ ଦଳ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ଏହା ସମ୍ଭବ ହୋଇ ପାରିଥିଲା। ତେଣୁ ଯେପରି ସାଧାରଣ ଲୋକଙ୍କ ଘରଦ୍ୱାର କ୍ଷତିଗ୍ରସ୍ତ ନହେବ ସେଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଛନ୍ତି। ଗୋଶାଳା ଛକଠାରୁ ଆର୍‌ଓବିକୁ ରାସ୍ତା ସଂଯୋଗ କରାଗଲେ ଅନେକ ବଡ଼ ଘର ଭାଙ୍ଗିବା ସହ ବହୁ ପରିବାର ତଳିତଳାନ୍ତ ହେବା ଆଶଙ୍କା ରହିଛି। ତେଣୁ ସରକାର ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆର୍‌ଓବିକୁ ସଂଯୋଗ ରାସ୍ତା ନିର୍ମାଣ କରିବାକୁ ନିବେଦନ କରିଛନ୍ତି।

# ଜଳିଗଲା ଘର, ଗୁହାଳ: ୧୭ ଛେଳି, ୧ ଗାଈ ଦଗ୍ଧ

ଦଶରଥପୁର,୨୯।୩
(ସୁଶାନ୍ତ କୁମାର ବେହୁରିଆ):



ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ ଓଡ଼େଇ ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଅର୍ଜୁନ ମଲିକଙ୍କ ଏକ ବଖରା ଘର, ରୋଷେଇ ଘର ଓ ଏକ ଗୁହାଳ ଜଳିଯାଇଛି। ଫଳରେ ଗୁହାଳରେ ବନ୍ଧା ହୋଇଥିବା ୧୭ ଛେଳି ଓ ଏକ ଗାଈ ଜୀବନ୍ତ ଦଗ୍ଧ ହୋଇଛନ୍ତି। ୪ ଛେଳି, ୨ ଗାଈ ଓ ଗୋଟିଏ ବାଛୁରୀ ଅର୍ଦ୍ଧଦଗ୍ଧ ହୋଇଛନ୍ତି। ଘରେ ଥିବା ସମସ୍ତ ଆସବାବପତ୍ରପୋଡ଼ି ପାଉଁଶ ହୋଇଯାଇଛି। ଘର ପାଖରେ ଥିବା ୨ ଗଛ ମଧ୍ୟ ଜଳିଯାଇଛି। ଖବରପାଇ ଦଶରଥପୁର ଦମକଳ ବାହିନୀ ଆସି ନିଆଁ ଲିଭାଇଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ। ରବିବାର ସକାଳେ ସରପଞ୍ଚ ହିମାଂଶୁ ନାୟକ, ସାମାଜିକ କର୍ମୀ ସଞ୍ଜୟ ନାୟକ, ସଙ୍କର୍ଷଣ ମହାନ୍ତି, ବିଷ୍ଣୁଚରଣ ବେହେରା, ଦୁର୍ଯ୍ୟୋଧନ ଗୋଛାୟତ ପ୍ରମୁଖ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ସମବେଦନା ଜଣାଇଥିଲେ। ଗୁହାଳରେ ସନ୍ଧ୍ୟାରେ ଦିଆଯାଇଥିବା ଧୂଆଁରୁ ନିଆଁ ଲାଗିଥିବା ଅର୍ଜୁନଙ୍କ ପରିବାର ପକ୍ଷରୁ କୁହାଯାଇଛି। ଅର୍ଜୁନ ଜଣେ ଦରିଦ୍ର ଶ୍ରେଣୀର ଲୋକ। ଗୃହପାଳିତ ପ୍ରାଣୀ ପାଳନ କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟଦେଇ ତାଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ


ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସରେ ଯୋଗ ଦେଇଥିବା ବ୍ୟକ୍ତି ବିଶେଷ।

ପାଣିକୋଇଲି,୨୯।୩(ବିକାଶ ଚନ୍ଦ୍ର ମଲ୍ଲିକ):

ସ୍ୱାଧୀନତା ଆନ୍ଦୋଳନର ମହାନ ସଂଗ୍ରାମୀ ଶହୀଦ ଲକ୍ଷଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତ ଓଟିନ୍ଦା ଗ୍ରାମ ଛକରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଡା. ନିର୍ମଳ ରଥଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଖବରଦାତା ସୁବାସ ଧଳ, ସିଆଇଟିୟୁ ଜିଲା ସଭାପତି ପ୍ରଫୁଲ୍ଲ ନାୟକ ଯୋଗଦେଇ ଆଦିବାସୀ ଭୂୟାଁଙ୍କୁ ଏକତ୍ରିତ କରିବାରେ ଲକ୍ଷ୍ମଣ ନାୟକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ମନ୍ମଥ ଗିରି, ଜଗତମୋହନ ଦାସ, ତାରିଣୀ ପଟ୍ଟନାୟକ, ପ୍ରଦୀପ ମାଝୀ, ତୁଷାର ବେଉରା, ଅଚ୍ୟୁତଶନନ୍ଦ ସାହୁ, ପ୍ରକାଶ ସାହୁ ଓ ନୃସିଂହ ସେନାପତିଙ୍କ ସମେତ ବହୁ ଗ୍ରାମବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ୮ ମାସର ଗର୍ଭବତୀ ସ୍ତ୍ରୀଙ୍କୁ ଛାଡ଼ି ସ୍ୱାମୀ ଫେରାର

କାଳିଆପାଣି,୨୯।୩(ଅସିତ ମହାନ୍ତ):

- ନିର୍ଯାତନା ଦେଉଛନ୍ତି ୨ ବିବାହିତ ନଣନ୍ଦ
- ପୋଲିସ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ ଅଭିଯୋଗ

ଯାଜପୁର ଜିଲା କାଳିଆପାଣି ଥାନା ଅଧୀନ ଗୁରୁଜଙ୍ଗ ଗ୍ରାମରେ ଜଣେ ମହିଳା ୮ ମାସର ଗର୍ଭବତୀ ଥିବାବେଳେ ସ୍ୱାମୀ ତାଙ୍କୁ ଛାଡ଼ି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ହେଲେ ଅଭିଯୋଗ ପରେ ବି ମହିଳା ଜଣକ ନ୍ୟାୟ ପାଉ ନ ଥିବା କହିଛନ୍ତି। ଅଭିଯୋଗ ମୁତାବକ, ଗୁରୁଜଙ୍ଗ ଗ୍ରାମର ବୁଡ଼ାନ ଚଲା ଓସ୍ତପାଳ ଗାଁର ସାଧୁ ବେହେରାଙ୍କ ଝିଅ ଅନିତା ବେହେରାଙ୍କୁ ଗତ ୪ ବର୍ଷ ପୂର୍ବେ ପ୍ରେମକରି ତାମିଲନାଡୁ ନେଇ ପଳାଇଥିଲେ। ସେଠାରେ ଉଭୟଙ୍କର ବିବାହ ହୋଇଥିଲା। ପୂର୍ବରୁ ବୁଡ଼ାନ ବିବାହିତ ଥିବାବେଳେ ତାଙ୍କର ସ୍ତ୍ରୀ ଓ ଦୁଇ ଝିଅ ରହିଛନ୍ତି। ତେବେ ବୁଡ଼ାନ ଅନିତାଙ୍କୁ ପ୍ରେମ ଜାଲରେ ଫସାଇ ଫେରାର ହୋଇ ବାହାରେ କିଛି ଦିନ ରହିବା ପରେ ଗାଁକୁ ଫେରି ଏକ ଭଡ଼ାଘରେ ଉଭୟେ ରହୁଥିଲେ। ଅନିତା ଏବେ ୮ ମାସର ଗର୍ଭବତୀ ଅଛନ୍ତି। ହେଲେ ବୁଡାନ ତାଙ୍କୁ ଘରେ ଏକାଛାଡି କେଉଁଆଡେ ଫେରାର ହୋଇଯାଇଛନ୍ତି। ଏନେଇ ଅନିତା ଗତ ୨୦ ତାରିଖରେ ଅନିତା କାଳିଆପାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଏହାପରେ ୮ ଦିନ ହେଲା ଅନିତାଙ୍କୁ ତାଙ୍କ ୨ ବିବାହିତା ନଣଦ ପୂଜା ମୁଣ୍ଡା ଓ ରୁନି ମୁଣ୍ଡା ସେ ରହୁଥିବା ଭଡ଼ା ଘରେ ପ୍ରବେଶ କରାଇ ଦେଉନାହାନ୍ତି। ବୁଡାନ ତାଙ୍କ ପ୍ରଥମ ସ୍ତ୍ରୀ ଓ ୨ ଶିଶୁ କନ୍ୟାଙ୍କୁ ନେଇ କେଉଁଆଡେ ଚାଲିଯାଇଛନ୍ତି। ୮ ମାସର ଗର୍ଭକୁ ଧରି ଅନିତା ବାରଦୁଆର ହେଉଛନ୍ତି। ଗାଁର ଅଙ୍ଗନୱାଡି କର୍ମୀ ଓ ଅଶାଙ୍କୁ ସେ ବହୁବାର ଗୁହାରି କରିଥିଲେ ସୁଦ୍ଧା ତାଙ୍କୁ ଟିକା କିମ୍ବା କୌଣସି ବଟିକା ମିଳୁନାହିଁ। ଅନ୍ୟପକ୍ଷରେ ପୋଲିସ କହୁଛି ବୁଡ଼ାନଙ୍କୁ ଖୋଜୁଛୁ। ହେଲେ ପାଉନାହିଁ। ଏବେ ଦେଖିବାକୁ ଅପେକ୍ଷା କାଳିଆପାଣି ପୋଲିସ ଅନିତାଙ୍କୁ କି ନ୍ୟାୟ ଦେଉଛି। ଏ ସମ୍ପର୍କରେ କାଳିଆପାଣି ଥାନାର ତଦନ୍ତ ଅଧିକାରୀ ଏଏସ୍‌ଆଇ ସୁଶାନ୍ତ ପଲେଇଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ପାଇଛୁ। ପଦକ୍ଷେପ ନେବୁ। ଗୁରୁଜଙ୍ଗପାଳ ଅଙ୍ଗନୱାଡି କର୍ମୀ ସମ୍ଧାରି ହୋଙ୍କୁ ପଚାରିବାରୁ ସେ କହିଛନ୍ତି, ଏଠାରେ ସେ ଭଡ଼ାରେ ରହୁଛନ୍ତି। ତେଣୁ ଆମେ ତାଙ୍କ ପରାମର୍ଶ ଦେଇଥିଲୁ କାଗଜପତ୍ର ଦେଲେ ସରକାରୀ ସୁବିଧା କରାଇଦେବୁ। ମାତ୍ର ସେ କୌଣସି କାଗଜପତ୍ର କରିନାହାନ୍ତି।

# ଚଣ୍ଡିଖୋଲରେ ନବନିର୍ମାଣ କୃଷକ ସଂଗଠନର ପଦଯାତ୍ରା


ପଦଯାତ୍ରାରେ ସାମିଲ ହୋଇଥିବା ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା।

ଚଣ୍ଡିଖୋଲ/ବଡ଼ଚଣା,୨୯।୩
(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ ମହାନ୍ତି):

ବିଭିନ୍ନ ଦାବିରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ କେନ୍ଦୁଝର ଘଟଗାଁ ମା'ତାରିଣୀଙ୍କ ପୀଠରୁ ଗତ ୨୨ତାରିଖରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ପଦଯାତ୍ରା ଶନିବାର ଚଣ୍ଡିଖୋଲରେ ପହଞ୍ଚିଥିଲା। ରାତ୍ରି ରହଣିପରେ ରବିବାର ସକାଳୁ ଏହି ପଦଯାତ୍ରୀ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ଚାଷୀନେତା ମନୱର ଅଲ୍ଲିଙ୍କ ଅଧ୍ୟକ୍ଷତାରେ ଏକ ପଥପ୍ରାନ୍ତ ସଭା ଚଣ୍ଡିଖୋଲଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ କହିଥିଲେ, ସରକାର ଚାଷୀମାରଣ ନୀତି ଆପଣାଇଛନ୍ତି। ବାରମ୍ବାର ଚାଷୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଭଣ୍ଡାଉଛନ୍ତି। ତେଣୁ ଭୁବନେଶ୍ୱରଠାରେ ହେବାକୁ ଥିବା ସମ୍ମିଳନୀରେ ଜାତୀୟସ୍ତରୀୟ ନେତୃତ୍ୱ ଯୋଗଦେବେ ବୋଲି ଘୋଷଣା କରିଥିଲେ। ଏଥିରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଯାଜପୁର ଜିଲା ସଂଯୋଜକ ଅଶୋକ ଶାନ୍ତି, ରବୀନ୍ଦ୍ର ପଣ୍ଡା, ସୁବାସ ଖଣ୍ଡେଇ, ନଗେସ ଜେନା, ହୃଷୀକେଶ ପ୍ରଧାନ, କମଳ ଲୋଚନ ସେଠୀ, ଦିଲୀପ ପରିଡ଼ା ଓ ଅରୁଣ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ଲାଲୁ ପ୍ରସାଦ କଦମଙ୍କୁ ପଶ୍ଚିମବଙ୍ଗ ନିର୍ବାଚନ ଦାୟିତ୍ୱ

ଚଢ଼େଇଧରା,୨୯।୩(ଦିଲୀପ ପରିଡ଼ା):

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଞ୍ଚଳର ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଂଯୋଜକ ଲାଲୁ ପ୍ରସାଦ କଦମଙ୍କୁ ପଶ୍ଚିମବଙ୍ଗ ଘଟାଲ ନିର୍ବାଚନମଣ୍ଡଳୀର ନିର୍ବାଚନ ଗୁରୁଦାୟିତ୍ୱ ମିଳିଛି। ରାଜ୍ୟ ଭାଜପା ସଂଯୋଜକ ତାଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି। ସେ ଏବେ ଘଟାଲ ନିର୍ବାଚନମଣ୍ଡଳୀର ଓଡ଼ିଆ ଯୁବଭୋଟରଙ୍କୁ ଭେଟି ଭାଜପା ସପକ୍ଷରେ ଭୋଟ ଦେବାକୁ ଅନୁରୋଧ କରୁଛନ୍ତି। ଅନ୍ୟପକ୍ଷରେ ଲାଲୁପ୍ରସାଦ ଏହି ଦାୟିତ୍ୱ ପାଇବା ପରେ ସେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନଙ୍କ ସମେତ ଅନ୍ୟ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।


ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଂଯୋଜକ ଲାଲୁ ପ୍ରସାଦ କଦମ ପ୍ରଚାର କରୁଛନ୍ତି।

# ଯାଜପୁର ରୋଡ୍, ବ୍ୟାସନଗର ବାର୍ ଆସୋସିଏଶନ ନିର୍ବାଚନ



ଯାଜପୁର ରୋଡ ବାର୍ ଆସୋସିଏଶନର ନବ ନିର୍ବାଚିତ କର୍ମକର୍ତ୍ତା। ବ୍ୟାସନଗର ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରଯାଉଛି।

ବ୍ୟାସନଗର,୨୯।୩
(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ୍ କୋର୍ଟ ପରିସରରେ ଥିବା ଯାଜପୁର ରୋଡ ବାର୍ ଆସୋସିଏଶନ ଓ ବ୍ୟାସନଗର ବାର୍ ଆସୋସିଏଶନର ୨୦୨୬-୨୭ ବର୍ଷ ପାଇଁ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଯାଜପୁରରୋଡ ବାର୍ ଆସୋସିଏଶନ ନିର୍ବାଚନରେ ସଭାପତି ଭାବେ ମଙ୍ଗୁଳି ଚରଣ ସାହୁ, ଉପସଭାପତି ଭାବେ ଗୀତାଞ୍ଜଳି ପରିଡ଼ା, ସମ୍ପାଦକ ଭାବେ ବିଭୁ ପ୍ରସାଦ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଭାବେ ସଞ୍ଜୟ କୁମାର ପେରେଇ, ସହସମ୍ପାଦକ ଭାବେ ଶୀତଲ କାନୁନଗୋ, ଟ୍ରେଜରଭାବେ ଗଣନାଥ ରାଉତ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ପୀତବାସ ଭୂୟାଁ ନିର୍ବାଚିତ ହୋଇଛନ୍ତି।

ସେହିପରି ବ୍ୟାସନଗର ବାର୍ ଆସୋସିଏଶନ ତରଫରୁ ସଭାପତିଭାବେ ନାରାୟଣ ପ୍ରସାଦ ପତି, ଉପସଭାପତିଭାବେ ବିଶ୍ୱମ୍ଭର ସାମଲ, ସମ୍ପାଦକଭାବେ ରବୀନ୍ଦ୍ର କୁମାର ନାୟକ, ଯୁଗ୍ମସମ୍ପାଦିକା ପ୍ରୀତି ପ୍ଲାଜା ମହାପାତ୍ର, କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଅମୀୟ ରଞ୍ଜନ ଘଡ଼ାଇ, ଲାଇବ୍ରେରୀୟାନ ଭାବେ ବିରଜା ପ୍ରସାଦ ହାଲଦାର ନିର୍ବାଚିତ ହୋଇଛନ୍ତି। ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ରବିବାର କୋର୍ଟ ପରିସରରେ ଆସୋସିଏଶନ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଆଗାମୀ ଦିନରେ ସଙ୍ଘକୁ ମଜଭୁତ କରିବା ସହିତ କୋର୍ଟର ଉନ୍ନତି ଓ ନିଷ୍ଠାପରଭାବେ ଲୋକଙ୍କ ପାଇଁ କାର୍ଯ୍ୟ କରିବେ ବୋଲି ନୂତନ କର୍ମକର୍ତ୍ତା ପ୍ରତିଶ୍ରୁତି ଦେଇଥିଲେ।

# ମଦ୍ୟପ ଚାଳକଙ୍କୁ ପୋଲିସ, ପରିବହନ ବିଭାଗର ଯାଞ୍ଚ

ପାଣିକୋଇଲି,୨୯।୩
(ବିକାଶ ଚନ୍ଦ୍ର ମଲ୍ଲିକ):



ଯାଜପୁର ପରିବହନ ବିଭାଗ ଓ ପାଣିକୋଇଲି ପୋଲିସ ପକ୍ଷରୁ ମିଳିତ ଭାବେ ମଦ୍ୟପ ଚାଳକଙ୍କୁ ଯାଞ୍ଚ କରାଯାଇଛି। ପାଣିକୋଇଲି ଓଭରବ୍ରିଜ ଆରମ୍ଭ ସର୍ଭିସ ରୋଡରେ ଏହି ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ବହୁ ମଦ୍ୟପ ଚାଳକ ଧରାପଡିଥିଲେ। ରାତ୍ରୀ ଯାଞ୍ଚ ସମୟରେ ୨ ବାଇକ ଓ ଜଣେ ମଦ୍ୟପ କାର ଚାଳକ ଥିବାରୁ ସେମାନଙ୍କୁ ଥାନାକୁ ନିଆଯାଇଥିଲା। ଏଏସ୍‌ଆଇ ସେମାନାଥ ରାଉତ, ପରିବହନ ଅଧିକାରୀ ରାଜେଶ ମଙ୍ଗରାଜ ସଦଳବଳ ଏହି ଚଢ଼ାଉ କରିଥିଲେ। ଏନେଇ ୩ ମାମଲା ରୁଜୁ କରାଯାଇଛି।

# ୧ରୁ ତରାପୁର ମା' ହିଙ୍ଗୁଳାଙ୍କ ମହାଯଜ୍ଞୋତ୍ସବ

ବ୍ୟାସନଗର,୨୯।୩
(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତ ତରାପୁର ଗ୍ରାମର ଆରାଧ୍ୟା ଦେବୀ ଅଗ୍ନି ସ୍ୱରୂପିଣୀ ମା' ହିଙ୍ଗୁଳାଙ୍କ ୯୦ତମ ମହାଯଜ୍ଞୋତ୍ସବ ଏପ୍ରିଲ ୧ରୁ୯ଦିନ ବ୍ୟାପି ଅନୁଷ୍ଠିତ ହେବ। ଏନେଇ ରବିବାର ଏକ ଖବରଦାତା ସମ୍ମିଳନୀରେ ତରାପୁର ଆଞ୍ଚଳିକ ହିଙ୍ଗୁଳା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ମହାଯଜ୍ଞୋତ୍ସବ ଦିନଗୁଡ଼ିକରେ ସ୍ଥାନୀୟ ଅଞ୍ଚଳରେ ରାତ୍ରି ସମୟରେ ପାକ ନିଷେଧ ସହିତ ଆମିଷ ବିକ୍ରି ଓ ଖାଇବା ନିଷେଧ କରାଯିବ। ୧ ତାରିଖ ବୁଧବାର ମା'ଙ୍କ ଶୁଭାଧିବାସ ସ୍ଥାପନ, ଅଙ୍କୁରାରୋପଣ ଏବଂ ଘଟସ୍ଥାପନ କରାଯିବ। ୨ ତାରିଖ ଗୁରୁବାର ମହାଯଜ୍ଞୋତ୍ସବ, ଅଖଣ୍ଡ ନାମଯଜ୍ଞର ଶୁଭାଧିବାସ ସ୍ଥାପନ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୩ ତାରିଖ ଶୁକ୍ରବାର ମା' ଆବିର୍ଭୂତ ହେବେ ଏବଂ ସ୍ୱତଃ ଅଗ୍ନି ପଣା ହାଣ୍ଡିରେ ଘୋଡ଼ା ହୋଇଥିବା ପାଟରେ ସଂଯୋଗ ହେବେ। ଏହାପରେ ନାମ ସଂକୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୪ ତାରିଖ ଶନିବାର ସମାନ କାର୍ଯ୍ୟକ୍ରମ ରହିବ। ୫ ତାରିଖ ରବିବାର ରାତ୍ର ୪ଟାରେ ମହାଯଜ୍ଞର ପୂର୍ଣ୍ଣାହୁତି ସହିତ ସନ୍ଧ୍ୟାରେ ନାଟକ ପରିବେଷଣ କରାଯିବ। କୋରେଇ ବିଧାୟକ ଆକାଶ ଦାସନାୟକ ସପତ୍ନିକ ପୂର୍ଣ୍ଣାହୁତି ଦେବାର କାର୍ଯ୍ୟକ୍ରମ ରହିଛି। ୬ତାରିଖ ସୋମବାର ନାମଯଜ୍ଞ କମିଟି ଏବଂ ଭକ୍ତଙ୍କ ଉପସ୍ଥିତିରେ ନଗର ପରିକ୍ରମା କରାଯିବା ସହିତ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ଏହି ଦିନ ନାମଯଜ୍ଞ କମିଟି ଦ୍ୱାରା ଚୈତ୍ର ପୂର୍ଣ୍ଣିମା ଦିନ ୨୪ ପ୍ରହର ନାମଯଜ୍ଞର ଶୁଭାଧିବାସ କରାଯିବ। ୯ ତାରିଖ ଗୁରୁବାର ସକାଳ ୮ଟାରେ ମହାମାୟୀଙ୍କ ମହାସ୍ନାନ କରାଯିବା ପରେ ୯ ଘଟିକାରେ ବାଲ୍ୟଲୀଳା ଏବଂ ଅପରାହ୍ନ ୧ଟାରେ ଯଜ୍ଞଭସ୍ମର ବିସର୍ଜନ ଶୋଭାଯାତ୍ରା ଆରମ୍ଭ ହେବ। ସୂର୍ଯ୍ୟାସ୍ତ ପୂର୍ବରୁ ପୁଣ୍ୟତୋୟା ବୈତରଣୀ ନଦୀରେ ଯଜ୍ଞଭସ୍ମ ବିସର୍ଜନ କରାଯିବ ବୋଲି କମିଟି ସଭାପତି ନରୋତ୍ତମ ଜେନା ଏବଂ ସମ୍ପାଦକ ନନ୍ଦକିଶୋର ସାହୁ ସୂଚନା ଦେଇଛନ୍ତି। ଏହି ଯଜ୍ଞରେ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ଯାଜପୁର ରୋଡ୍ ଆଦର୍ଶ ଥାନା ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ପ୍ରଦାନ କରାଯିବ। ଏହି ମହାଯଜ୍ଞୋତ୍ସବକୁ ସୂଚାରୁ ରୂପେ ସମ୍ପାଦନ ନିମନ୍ତେ କମିଟି ଉପସଭାପତି ରଣଜିତ ପ୍ରଧାନ, କୋଷାଧ୍ୟକ ଅଞ୍ଜନ ସାମଲ, ସରପଞ୍ଚ ସର୍ବେଶ୍ୱର ସାହୁ, ସଭ୍ୟ ପୁରସ୍ତମ ନାୟକ, ବାବାଜି ଚରଣ ସାହୁ, ମଦନ ମୋହନ ସ୍ୱାଇଁ, ଉମେଶ ଦାସ, ବିକାଶ ସାହୁ, କାର୍ଯ୍ୟାଳୟ ସହଯୋଗୀ ପ୍ରଶାନ୍ତ ମହାନ୍ତି ସହଯୋଗ କରିବେ ବୋଲି ସୂଚନା ଦିଆଯାଇଛି।


ତରାପୁର ଆଞ୍ଚଳିକ ହିଙ୍ଗୁଳା କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

# ସାହିତ୍ୟରେ ଜନଜୀବନ ସମସ୍ୟା ଥିଲେ କାଳଜୟୀ ହୁଏ

## 'ସମ୍ଭବ'ର ୨୨ତମ ବାର୍ଷିକ ସମାରୋହ

ଧର୍ମଶାଳା,୨୯।୩(ବଟକୃଷ୍ଣ ପରିଡ଼ା):



'ସମ୍ଭବ'ର ବିଷୁବ ବିଶେଷାଙ୍କୁ ଅତିଥି ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ସୃଷ୍ଟି ଓ ସମୀକ୍ଷାର ସ୍ୱତନ୍ତ୍ର ସ୍ମାରକୀ 'ସମ୍ଭବ'ର ୨୨ତମ ବାର୍ଷିକ ସମାରୋହ ଗ୍ରନ୍ଥକାର ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏଥିରେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିବା ସହ ଭାରତୀୟ ସାହିତ୍ୟର 'ବସୁଧୈୟବ କୁଟୁମ୍ବ' ଭାବ ପୃଥିବୀର ସାହିତ୍ୟକୁ ପ୍ରଭାବିତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ନିବନ୍ଧକାର କୃଷ୍ଣ ବଳ ମୁଖ୍ୟଅତିଥିଭାବେ ଯୋଗଦେଇ ସକ୍ରିୟତା, ମୌନତା, ନିଃସଙ୍ଗତା ଆଧାରରେ ଜଣେ ସାହିତ୍ୟିକ ଉନ୍ନତ ସାହିତ୍ୟ ସୃଷ୍ଟି କରିପାରେ ବୋଲି କହିଥିଲେ। ଏଥିସହିତ ଆତ୍ମ ଉପଲବ୍ଧି ହେଉଛି ସାହିତ୍ୟିକର ସାଧନାର ମୂଳପାହାଚ ବୋଲି ସେ ପ୍ରକାଶ କରିଥିଲେ। ସାହିତ୍ୟିକ ଶେଷଦେବ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନଜୀବନର ସମସ୍ୟା ସାହିତ୍ୟରେ ପ୍ରତିଫଳିତ ହେଲେ ତାହା କାଳଜୟୀ ହୋଇଥାଏ ବୋଲି କହିଥିଲେ। ଏଥିସହିତ ସାହିତ୍ୟ ସଂଗଠନଗୁଡ଼ିକ ଏଦିଗରେ ଧ୍ୟାନ କେନ୍ଦ୍ରିତ କରନ୍ତୁ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ 'ସମ୍ଭବ'ର ବିଷୁବ ବିଶେଷାଙ୍କୁ ଅତିଥି ଉନ୍ମୋଚନ କରିଥିଲେ।

ବୈଷ୍ଣବ ଚରଣ ସାମଲଙ୍କୁ ସମ୍ଭବ ପ୍ରବନ୍ଧ ସମ୍ମାନ-୨୦୨୬, କବି ଗୌତମ ଜେନାଙ୍କୁ ସମ୍ଭବ କବିତା ସମ୍ମାନ, ମନୋରଞ୍ଜନ ବେହୁରାଙ୍କୁ ସମ୍ଭବ ଗଳ୍ପ ସମ୍ମାନ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଶିଶୁ ସାହିତ୍ୟ ସ୍ରଷ୍ଟା ବଟକୃଷ୍ଣ ଓଝା ଓ ରାଜକିଶୋର ପାଢ଼ୀଙ୍କୁ ସମ୍ଭବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କୃଷ୍ଣ ବଳ, ଶେଷଦେବ ନନ୍ଦ ଓ ପ୍ରବନ୍ଧିକ ମନୋରଞ୍ଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଡା.ବିଜୟ ଶତପଥୀ, କବି ଗୋପବନ୍ଧୁ ଦାଶ, ସାମାଜିକ କର୍ମୀ ମିନତି ସାହୁ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ସାମାଜିକ କର୍ମୀ କାହ୍ନୁଚରଣ ଦାଶ, ଇନର ହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀ, ଅଧ୍ୟାପିକା ସସ୍ମିତା ପଣ୍ଡା, ଇନରହୁଇଲ କ୍ଲବ ସଭାନେତ୍ରୀ ଲୋପାମୁଦ୍ରା ଷେଣ୍ଡେ, ଅଧ୍ୟକ୍ଷା ଇନ୍ଦୁପ୍ରଭା ସାମଲ, ପ୍ରାଧ୍ୟାପକ ସୁଶାନ୍ତ ପଣ୍ଡା, ଅଧ୍ୟାପକ ସୁନାକର ଦାସ ପ୍ରମୁଖ ଯୋଗଦେଇ ସମ୍ଭବ ସାହିତ୍ୟ ପତ୍ରିକାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଅଖିଳ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ ବିଜୟ ଦେବତା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ବିଜୟ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ କଲେଜ ପରିସରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଗୀତ ଶିକ୍ଷକ ଅମରେଶ ଦାଶ ଓ ତାଙ୍କ ପୁତ୍ର ସୁବୋଧାନନ୍ଦ ଦାଶ ସଂଗୀତ ପରିବେଷଣ କରିଥିଲେ। କବି ଅଜୟ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

# କର୍ମନିଯୁକ୍ତି ଅପେକ୍ଷାରେ ଜିଲାର ଯୁବବର୍ଗ

- ପ୍ରତିଶ୍ରୁତିରେ ପଡିରହିଛି ଶିଳ୍ପ, ପର୍ଯ୍ୟଟନ ଶିଳ୍ପର ବିକାଶ
- ଅତିଶୟ ପ୍ରାକୃତିକ ବିପର୍ଯ୍ୟୟର ନିରାକରଣ ନାହିଁ
- ମାନବ ଚାଲାଣ ପାଇଁ ସୁଯୋଗ ସୃଷ୍ଟି ଅଭିଯୋଗ

କେନ୍ଦ୍ରାପଡ଼ା,୨୯।୩ (ଜଗନ୍ନାଥ ଧଳ)

ରାଜ୍ୟର ଅନ୍ୟ ଜିଲା ତୁଳନାରେ କେନ୍ଦ୍ରାପଡ଼ାରେ ସାକ୍ଷରଙ୍କ ସଂଖ୍ୟା କମ୍ ନୁହେଁ। ଏଠାରେ ସାକ୍ଷର ହାର ୮୫.୯୩ ପ୍ରତିଶତ । ୫୭ ହଜାରରୁ ଅଧିକ ସ୍ନାତକ ଓ ତାହାଠାରୁ ଉପର ଡିଗ୍ରୀଧାରୀ ଜିଲା କର୍ମ ନିୟୋଜନ କେନ୍ଦ୍ରରେ ନାମ ପଞ୍ଜୀକୃତ କରିଛନ୍ତି। ସେହିପରି ଜିଲାର ଉର୍ବର ମୃତ୍ତିକା ଅର୍ଥନୈତିକ ଫସଲ ଉତ୍ପାଦନ ପାଇଁ ସକ୍ଷମ। ଜାତୀୟ ଉଦ୍ୟାନ ଭିତରକନିକା ସମେତ ଶ୍ରୀବଳଦେବଜୀଉଙ୍କ ପାଇଁ ଆଧାତ୍ମିକ କ୍ଷେତ୍ର ହୋଇଥିବାରୁ ପର୍ଯ୍ୟଟନ ଶିଳ୍ପ ପାଇଁ ଉପଯୋଗୀ। ଏଥିସହ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ବିଭିନ୍ନ ସମୟରେ ଜମି ଅଧିଗ୍ରହଣ ହୋଇଛି। ଏସବୁ ସତ୍ତ୍ୱେ ଏହି ଜିଲା ଆର୍ଥିକ ବିକାଶ କ୍ଷେତ୍ରରେ କେବିକେଠାରୁ ପଛରେ ଥିବା ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ ଦର୍ଶାଉଛି। ବନ୍ୟା, ବାତ୍ୟା, ମରୁଡ଼ି, ତଟକ୍ଷୟ ଆଦି ପ୍ରାକୃତିକ ବିପର୍ଯ୍ୟୟ ଜିଲାରେ ଯୁବବର୍ଗଙ୍କୁ କୃଷି ପ୍ରତି ବିମୁଖ କରାଇଛି। ପର୍ଯ୍ୟଟନ ଶିଳ୍ପ ଓ ଶିଳ୍ପର ବିକାଶ ହୋଇପାରୁ ନ ଥିବାରୁ ଯୁବବର୍ଗ ଦାଦନ ଖଟିବାକୁ ଜିଲା ବାହାରକୁ ଯାଉଛନ୍ତି। ଏପରିକି ମାନବ ଚାଲାଣ ଓ ଶ୍ରମିକ ନିର୍ଯାତନା ଖବର ବାରମ୍ବାର ଆସୁଥିବା ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ମାନବାଧିକାର କର୍ମୀ ସାଗର ଜେନା, ସାମାଜିକ କର୍ମୀ ମନୋଜ କୁମାର ନାୟକ, ବାନାମ୍ବର ସାହୁ, ଡା. ମିଲନ କୁମାର ପ୍ରମୁଖ କହିଛନ୍ତି, ସମସ୍ତ ଭିତିଭୂମି ସତ୍ତ୍ୱେ ଜିଲାର ବିକାଶ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ। ୨୦୧୧ ଜନଗଣନା ଅନୁଯାୟୀ ଜିଲାର ପ୍ରତି ବର୍ଗ କିଲୋମିଟରରେ ୫୪୫ରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି। ଏହି ଲୋକସମ୍ବଳକୁ ବିନିଯୋଗ ପାଇଁଦକ୍ଷତାଭିତ୍ତିକଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ ନାହିଁ। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଯୁବବର୍ଗଙ୍କ ଆଗ୍ରହ ବଢୁଥିଲେ ମଧ୍ୟ ଏଥିରେ ଜିଲା ଶିଳ୍ପ କେନ୍ଦ୍ର ଓ ବ୍ୟାଙ୍କ ସହଯୋଗ ଦେଉନାହାନ୍ତି। କୃଷି କ୍ଷେତ୍ରରେ ଜୀବିକା ନିର୍ବାହ ପାଇଁ ଯୁବବର୍ଗ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହି ଜିଲାରେ ଜଳ ପରିଚାଳନା ଜିଲାବାସୀଙ୍କ ପାଇଁ ଏକ ସମସ୍ୟା ହୋଇଛି। ୧ ଲକ୍ଷ ୫୨ ହଜାର ଚାଷୋପଯୋଗୀ ଜମିରେ ଜଳସେଚନ ଓ ନିଷ୍କାସନ ସମସ୍ୟାର ସମାଧାନ ହୋଇପାରୁନାହିଁ। ନଦୀରେ ଆସୁଥିବା ବନ୍ୟାରେ ପ୍ରତିବର୍ଷ ୫୫ଟି ପଞ୍ଚାୟତ କ୍ଷତିଗ୍ରସ୍ତ ହେଉଥିବା ବେଳେ ଅଧିକ ବନ୍ୟା ହେଲେ ଜିଲାର ସମ୍ପୂର୍ଣ୍ଣ ଚାଷକୁ ପ୍ରଭାବିତ କରୁଛି। ସାମୁଦ୍ରିକ ତଟକ୍ଷୟ ଏକ ବୃହତ୍ ସମସ୍ୟା। ଜିଲାର ୭୪୪ କି.ମି. ତଟବନ୍ଧରୁ ୨୩୪ କି.ମି. ତଟବନ୍ଧ ଅସୁରକ୍ଷିତ ହୋଇ ରହିଛି। ସାମୁଦ୍ରିକ ବାତ୍ୟା ଓ ମରୁଡ଼ି କୃଷି ଫସଲକୁ ପ୍ରଭାବିତ କରୁଛି। ପର୍ଯ୍ୟଟନ ଶିଳ୍ପର ବିକାଶ ହେଲେ କର୍ମନିଯୁକ୍ତି ସମସ୍ୟାର ସମାଧାନ କିଛିମାତ୍ରାରେ ସମାଧାନ ହୋଇପାରିବ। ଦୀର୍ଘଦିନ ଧରି ଶିଳ୍ପ ପ୍ରତିଷ୍ଠା ପାଇଁ ଜିଲାବାସୀଙ୍କୁ ସ୍ୱପ୍ନ ଦେଖାଯାଉଛି। ଏପରି କି ମହାକାଳପଡା, କେନ୍ଦ୍ରାପଡା, ମାର୍ଶାଘାଇ ଓ ଡେରାବିଶ ବ୍ଲକ ଅଞ୍ଚଳରେ ଏଥିପାଇଁ ଜମି ଅଧିଗ୍ରହଣ କରାଯାଉଛି। ମାତ୍ର ସ୍ୱାଧୀନତାର ୭୮ବର୍ଷ ପରେ ମଧ ମଧମ ଧରଣର ଶିଳ୍ପଟିଏ ନାହିଁ। ଫଳରେ କର୍ମନିଯୁକ୍ତି ପାଇଁ ଯୁବବର୍ଗ ଜିଲା ବାହାରକୁ ଯାଉଛନ୍ତି। ପଟ୍ଟାମୁଣ୍ଡାଇ ଥାନା ନୀଳକଣ୍ଠପୁର ଗ୍ରାମର ରବୀନ୍ଦ୍ର ସାହୁଙ୍କ ପୁଅ ସନ୍ତୋଷ (୩୧) ୧୦ ବର୍ଷ ଧରି କର୍ମନିଯୁକ୍ତି ପାଇଁ ବାହାରକୁ ଯାଇ ନିଖୋଜ ଅଛନ୍ତି। କେବଳ ସନ୍ତୋଷ ନୁହନ୍ତି, ବହୁସଂଖ୍ୟାରେ ମହିଳା, ନାବାଳିକା, ଯୁବକ ନିଖୋଜ ଥିବା ଥାନା ମାମଲାଗୁଡ଼ିକରୁ ଜଣାପଡୁଛି। ଯାହା ଏହି ଜିଲାରେ ମାନବ ଚୋରାଚାଲାଣ କରାଯାଉଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ସେହିପରି ଗତ ୪ ବର୍ଷକୁ ହିସାବକୁ ନେଲେ ଜିଲାରେ ପ୍ରାୟ ୫୦୦ରୁ ଅଧିକ ଦାଦନ ଶ୍ରମିକଙ୍କ ନିର୍ଯାତନା ଖବର ଶୁଣିବାକୁ ମିଳିଛି। କର୍ମନିଯୁକ୍ତି ପାଇଁ ପ୍ରଶାସକ ଓ ରାଜନେତାଙ୍କ ମିଳିତ ପ୍ରୟାସ ଆବଶ୍ୟକ। ତେବେ ଏହି ଜିଲାରେ ସେମାନଙ୍କ ସମନ୍ୱୟର ଅଭାବ ଅଛି ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁପଚାରିବାରେ ଜିଲାରେ କର୍ମନିଯୁକ୍ତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଦକ୍ଷତା ବିକାଶ ତାଲିମ କେନ୍ଦ୍ର ପ୍ରତିଷ୍ଠା ସହ ଜିଲାର ଉତ୍ପାଦିତ ସାମଗ୍ରୀ ବିକ୍ରି ପାଇଁ ବ୍ୟବସ୍ଥା ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଜାରି ରହିଥିବା ବେଳେ ନିକଟରେ ଶିଳ୍ପ କରିଡର ପାଇଁ ଜମି ଚିହ୍ନଟ ଓ ଶୁଣାଣି ସରିଛି ବୋଲି ସେ କହିଛନ୍ତି।

# ହନୁମାନଜୀଉ ମନ୍ଦିରର ୪ର୍ଥ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯଜ୍ଞ ଚାଲିଛି।

ଡେରାବିଶ ୨୯।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ରଜାଙ୍ଗ ଗ୍ରାମର ମାୟାମଠ ପରିସରରେ ଶ୍ରୀହନୁମାନଜୀଉଙ୍କ ମନ୍ଦିରର ୪ର୍ଥ ବାର୍ଷିକୋତ୍ସବ ଓ ହନୁମାନ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପଣ୍ଡିତ ଜୟନ୍ତ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଅଙ୍କୁରାରୋପଣ ସହ ନିକଟସ୍ଥ ଲୁଣା ନଦୀରୁ ପୂଜାର୍ଚ୍ଚନା କରାଯାଇ କଳସକୁ ଶୋଭାଯାତ୍ରାରେ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରାଯାଇଥିଲା। ଶନିବାର ସୂର୍ଯ୍ୟପୂଜା, ଗୋପୂଜା ସହିତ ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ କରାଯିବା ସହିତ ଯଜ୍ଞକର୍ମ ଓ ହନୁମାନ ଚାଳିଶା ପାଠ କରାଯାଇଥିଲା। ରବିବାର ଉକ୍ତ ଯଜ୍ଞ ପୂର୍ଣ୍ଣାହୂତି ହୋଇଯାଇଛି। ଏଥିରେ କର୍ତ୍ତା କର୍ତ୍ତ୍ରୀ ଭାବେ ଅଲେଖ ଚନ୍ଦ୍ର ପୃଷ୍ଟି ଓ ପୁଷ୍ପାଞ୍ଜଳି ପୃଷ୍ଟି ଦାୟିତ୍ୱ ନିର୍ବାହ କରିଥିଲେ। ୩ ଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ବିକ୍ରମ କେଶରୀ ଦାସ,ଆଲୋକ ମହାନ୍ତି, ଶିବ ସୁନ୍ଦର ଦାସ୍, ମାନସ ଘଡ଼େଇ, ରତିରଞ୍ଜନ ଦାସ, ସନ୍ତୋଷ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାର୍ଶାଘାଇ ପାକ୍ସର ବାର୍ଷିକ ସାଧାରଣ ସଭା




ସଭାରେ ଉପସ୍ଥିତ ଅତିଥି।

ମାର୍ଶାଘାଇ,୨୯।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ବାର୍ଷିକ ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପ୍ରଦୀପ୍ତ କୁମାର ଗାହଣ, ଉପସଭାନେତ୍ରୀ ନମିତା ଚଇନି ଅତିଥି ଭାବେ ଯୋଗଦେଇଥିଲେ। ସମିତି ସମ୍ପାଦକ ଗୋବର୍ଦ୍ଧନ ସାହୁ ବାର୍ଷିକ ବିବରଣୀ ପାଠ କରିବା ପରେ ସମିତି ଦ୍ୱାରା ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଚାଷୀଙ୍କୁ ଋଣ ପ୍ରଦାନ, ଆଦାୟ ସହିତ ମଣ୍ଡି ପରିଚାଳନା ଏବଂ ଆୟବ୍ୟୟ ସାର, ଔଷଧ ବିହନ ଯୋଗାଣ, ସାଧାରଣ ବଣ୍ଟନ ଆଦିର ରିପୋର୍ଟ ପ୍ରଦାନ କରିଥିଲେ। ସମିତିର ଜମିପଟ୍ଟା ହାସଲ, ଜବରଦଖଲ ଉଚ୍ଛେଦ, ଗୃହ ନିର୍ମାଣ, ପାଚେରି ନିର୍ମାଣ ଆଦି କ୍ଷେତ୍ରରେ ନିର୍ଦ୍ଦେଶକ ମଣ୍ଡଳୀଙ୍କ ସାମୁହିକ ସହଯୋଗକୁ ପ୍ରଶଂସା କରାଯାଇଥିଲା। ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ବେହେରା, ନିର୍ଦ୍ଦେଶକ ବିଚିତ୍ରାନନ୍ଦ ବେହେରା, ବରିଷ୍ଠ ଚାଷୀ ରମେଶ ଚନ୍ଦ୍ର ପରିଡା ପ୍ରମୁଖ ବକ୍ତବ୍ୟ ରଖି ଏକ ସଭା ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ସହ ସମ୍ପାଦକ ପ୍ରଦ୍ୟୁମ୍ନ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ନିର୍ଦ୍ଦେଶକ ମନୋରଞ୍ଜନ ସାମଲ, ଗୀତାଞ୍ଜଳି ସାହୁ, ମଧୁସୂଦନ ବେହେରା, ଚାଷୀ ତଥା ପରକୁଳା ପଞ୍ଚାୟତ ସମିତି ସଭ୍ୟ ସଞ୍ଜୟ ପାତ୍ର, ମନୋରଞ୍ଜନ ବସନ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ୟ ଦଳ ଛାଡ଼ି ଭାଜପାରେ ମିଶିଲେ କର୍ମୀ



ଭାଜପାରେ ଯୋଗଦେଇଥିବା ବିଭିନ୍ନ ଦଳର ନେତା ଓ କର୍ମୀ।

ପାରାଦୀପ,୨୯।୩(ଶରତ ରାଉତ)

ପାରାଦୀପ ମଧୁବନ ୧୧ନଂ. ୱାର୍ଡ ଗୋପାଳଜୀଉ କଲୋନିରେ ରବିବାର ସନ୍ଧ୍ୟାରେ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇଥିଲେ। ମିଶ୍ରଣ କାର୍ଯ୍ୟକ୍ରମରେ ଉକ୍ତ ୱାର୍ଡରୁ ୨୦ରୁ ଅଧିକ ଅନ୍ୟ ଦଳର କର୍ମୀ ଯୋଗଦେଇଥିଲେ। ସେମାନଙ୍କୁ ମନ୍ତ୍ରୀ ସ୍ୱାଇଁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଭାଜପା ନଗର ମଣ୍ଡଳ ସଭାପତି ସୁବ୍ରତ କୁମାର ପ୍ରଧାନ ଏହି ମିଶ୍ରଣ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଓଡ଼ିଶା ଏବେ ବିକାଶ ପଥରେ ଆଗେଇ ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ଅନେକ ବିକାଶ ମୂଳକ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିରେ ଅନୁପ୍ରାଣିତ ହୋଇ ଅନେକ ଲୋକ ଭାଜପାରେ ମିଶୁଛନ୍ତି ବୋଲି ମନ୍ତ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ।

# ମା', ମାଟିକୁ ଭଲ ପାଇବାରେ ହିଁ ସାର୍ଥକତା

## ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ପ୍ରତିଭା ମହୋତ୍ସବ

କେନ୍ଦ୍ରାପଡ଼ା, ୨୯।୩ (ଜଗନ୍ନାଥ ଧଳ)

ସାମୁହିକ କାର୍ଯ୍ୟ ଦ୍ୱାରା ଅସମ୍ଭବ ଲାଗୁଥିବା ଯୋଜନା ଅଚିରେ ସଫଳ ହୁଏ। ସମାଜରେ ଏପରି ଟ୍ରଷ୍ଟ ଆଦୃତ ହୁଏ। ଯାହାର ଉଦାହରଣ ଧନୁର୍ଜୟ ଚାରିଟେବୁଲ ଟ୍ରଷ୍ଟ। ମା' ଓ ମାଟିକୁ ଭଲ ପାଇବା ପାଇଁ ଏହି ଟ୍ରଷ୍ଟ ସର୍ବଦା ଉଦ୍ୟମ କରୁଥିବାରୁ ସାର୍ଥକତା ମିଳୁଛି ବୋଲି କେନ୍ଦ୍ରପଡ଼ା ବ୍ଲକ ବସୁପୁରର ବାସନ୍ତୀ ଦୁର୍ଗା ପୂଜା ମଣ୍ଡପରେ ଟ୍ରଷ୍ଟର ପ୍ରତିଭା ମହୋତ୍ସବ ସଭାରେ ଅତିଥିମାନେ ଶନିବାର ସନ୍ଧ୍ୟାରେ ମତ ରଖିଛନ୍ତି। ଟ୍ରଷ୍ଟ ସଭାପତି ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ଅଜୟ କୁମାର ସାମଲ, ବୁଦ୍ଧିଜୀବୀ ସଚ୍ଚିକାନ୍ତ ନାଥ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ମାନସ ପରିଡା, ଟ୍ରଷ୍ଟ ଅଧ୍ୟକ୍ଷ ଭଗବାନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଟ୍ରଷ୍ଟ ପକ୍ଷରୁ ଜିଲା ବିକାଶ ପାଇଁ ସାମାଜିକ କର୍ମ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥସହିତ ଜିଲା ପାଇଁ ଅବଦାନ ଥିବା ବହୁ ପ୍ରତିଭାବାନ ବ୍ୟକ୍ତିଙ୍କୁ ଆଗାମୀ ସମୟରେ କାର୍ଯ୍ୟରତ ରହିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜନେତା ସୁବାସ ସିଂହ, ସାମାଜିକ କର୍ମୀ ଶୈଳ ବେହେରା, ଶିକ୍ଷାବିତ ଡ. ଦେବେନ୍ଦ୍ରନାଥ ଜେନା, ଗବେଷକ ଡ. ସର୍ବେଶ୍ୱର ସେଣ, କୃଷି ଗବେଷକ ନଟବର ଖୁଣ୍ଟିଆ, ଶିକ୍ଷାବିତ୍ ଚାରୁବ୍ରହ୍ମ ହାଜରା, ଗବେଷକ ନିରଞ୍ଜନ ମେକାପ, ବରିଷ୍ଠ ଖବରଦାତା ଡ. ଅମ୍ବିକା ପ୍ରସାଦ ଦାସ, କୃଷି ଗବେଷକ ଡ. କ୍ଷୀରୋଦ ଚନ୍ଦ୍ର ଜେନା, ଡା. ନଳିନୀପ୍ରଭା ଦାସ, ସୁବୋଧ ବିହାରୀ ଲେଙ୍କା, ସଙ୍ଗୀତ ନିର୍ଦ୍ଦେଶକ ଶରତ କୁମାର ନାୟକ, ନୃତ୍ୟଶିଳ୍ପୀ ଭାନୁପ୍ରିୟା ଖଟୁଆ, ପାଲା ଗାୟକ ଗଗନ ବିହାରୀ ସିଂହ, ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରମୋଦ କୁମାର ବିଶ୍ୱାଳ, ଖବରଦାତା ମନୋଜ କୁମାର ସ୍ୱାଇଁ, ଫଟୋଗ୍ରାଫର ଗୌତମ କୁଟମାର ସାହୁ ପ୍ରମୁଖଙ୍କୁ ଟ୍ରଷ୍ଟ ପକ୍ଷରୁ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧାପକ ବିଧୁଭୂଷଣ ବିଶ୍ୱାଳ, ଡ. ହିମାଂଶୁ ଭୂଷଣ ବିଶ୍ୱାଳ, ଗିରିଶ ଚନ୍ଦ୍ର ବିଶ୍ୱାଳ, ପ୍ରମୋଦ କୁମାର ବିଶ୍ୱାଳ, ଅଶୋକ କୁମାର ବିଶ୍ୱାଳ, ପରିକ୍ଷିତ ସାମଲ, ଜ୍ୟୋର୍ତିମୟ ଦାସ ପ୍ରମୁଖ ପରିଚାଳନା କରିଥିଲେ।



କୃତୀ ପ୍ରତିଭାଧାରୀଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

# ଶିକ୍ଷା ସହ ସଂସ୍କାର ଜରୁରୀ

କୁଜଙ୍ଗ,୨୯।୩(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳସ୍ଥିତ ବିକେସିଏମ୍ ସ୍କୁଲ ବିଦ୍ୟା ଭାରତୀ ପଙ୍କପାଳର ଏକ ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବକୁ ସାମାଜିକ କର୍ମୀ ନିର୍ମଳ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ,କୁମ୍ଭାର ଯେପରି କଞ୍ଚା ମାଟିରୁ ସୁନ୍ଦର ମୂର୍ତ୍ତି ଗଢ଼େ ଠିକ ସେହିପରି ଏହି ସ୍କୁଲ ପ୍ରତିଷ୍ଠାତା ଓ ସ୍କୁଲର ସବୁ ଗୁରୁଜୀ ଗୁରୁମା ନିଜର ପିଲା ଭାବି ଉତ୍ତମ ରୂପେ ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତାଭାବେ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଭଗବାନ କହିଥିଲେ ମା'ବାପା ଓ ତରୁଲତା ହେଲେ ଜୀବନ୍ତ ଦେବତା। ଶିକ୍ଷା ସହ ସଂସ୍କାର ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ସିଆର୍ ସିସି ଲଳିତ କୁମାର ସେଠୀ ଯୋଗଦେଇ କୃତୀ ପିଲାଙ୍କୁ ପୁରସ୍କାର ପ୍ରଦାନ କରିବା ସହ ମାର୍ଗଦର୍ଶନ କରିଥିଲେ। ବିକେସିଏମ୍ ସ୍କୁଲ ପ୍ରତିଷ୍ଠାତା ଚୌଧୁରୀ ପଦ୍ମନାଭ ମିଶ୍ର ସ୍ୱାଗତ ଭାଷଣ ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧ୍ୟକ୍ଷ ସୁନାକର ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋବିନ୍ଦ ଭଗବାନ, ମୁଖ ବକ୍ତାଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥିଭାବେ ସେବା ନିବୃତ୍ତ ବ୍ୟାଙ୍କ ଅଧିକାରୀ ରଜତ କୁମାର ମିଶ୍ର, ପଙ୍କପାଳ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଅଜୟ କୁମାର ଖୁଣ୍ଟିଆ, ଅକ୍ଷୟ କୁମାର ଷଡ଼ଙ୍ଗୀ, ଶିକ୍ଷା କମିଟି ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପ୍ରେରଣା ପ୍ରଦ ବକ୍ତବ୍ୟ ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ମହିଷାସୁର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

ରାଜନଗର,୨୯।୩ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ମହିଷାସୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ବୈଦିକ ପରମ୍ପରାକୁ ଆଧାର କରି ଗଢ଼ି ଉଠିଥିବା ଏହି ବିଦ୍ୟାମନ୍ଦିରର ଶୈକ୍ଷିକ ଭାବଧାରାକୁ ଭୂୟସୀ ପ୍ରଶଂସା କରିଥିଲେ। ମା'ମାନେ ଶିଶୁମାନଙ୍କୁ ସଂସ୍କାର ସଂସ୍କୃତି ଭାବଧାରାରେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ଶିଶୁ ମନ୍ଦିରର ପ୍ରତିଷ୍ଠାତା ସମ୍ପାଦକ ଦୋଳଗୋବିନ୍ଦ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରାଧାପିକା ଗାର୍ଗୀ ବାନାର୍ଜୀ, ସମ୍ମାନିତ ବକ୍ତା ରୂପେ ରାଜନଗର ତହସିଲଦାର ତଥା ଯୁବ କବି ଯିଶୁକ୍ରିଷ୍ଣା ଦାସ, ସମ୍ମାନିତ ଅତିଥି ଭାବେ ଭାସ୍କର ରାଉତରାୟ, ମହିଷାସୁର ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ମହାନ୍ତି, ଅଧାପକ ସଞ୍ଜୟ କୁମାର ବାଗ, ଜଗନ୍ନାଥ ଦାସ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ମନ୍ଦିର ଅଧ୍ୟକ୍ଷ ସୁଲେଖ କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ଶିକ୍ଷକ ହେମନ୍ତ କୁମାର ବାରିକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିଶୁ ମନ୍ଦିରର କୃତିତ୍ୱ ଅର୍ଜନ କରିଥିବା ଶିଶୁଙ୍କୁ ମୁଖ୍ୟ ଅତିଥି ବିଧାୟକ ସାହୁ ପୁରସ୍କୃତ କରିଥିଲେ। ଶିଶୁ ମନ୍ଦିରର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିଷାସୁର ଗ୍ରାମର ସାମାଜିକ କର୍ମୀ ସୁବାସ ଜେନାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତ ଗୁରୁମା'ଗୁରୁଜୀ ଉତ୍ସବକୁ ପରିଚାଳନା କରିଥିଲେ। ପରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ଓ ଅଭିଭାବକଙ୍କୁ ବିମୋହିତ କରିଥିଲା।

# ବାଲିଆରେ ବାର୍ଷିକ ଜଲସା

ଡେରାବିଶ,୨୯।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ଅନ୍ତର୍ଗତ ବାଲିଆ ମୁସଲମାନ ସାହିରେ ଶନିବାର ସନ୍ଧ୍ୟାରେ ବାର୍ଷିକ ସିରତୁନ୍ ନବୀ, ଜଲସା (ଧର୍ମସଭା) ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସମେତ ବାହାର ରାଜ୍ୟର ବହୁ ଖାତନାମା ଧର୍ମଗୁରୁମାନେ ଯୋଗଦାନ କରିଥିବା ଇସଲାମ ଧର୍ମର ପବିତ୍ର ବାଣୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ବାଲିଆ ନୌଜବାନ କମିଟି ଓ ବସ୍ତି ପକ୍ଷରୁ ଏହି ଜଲସା କାର୍ଯ୍ୟକ୍ରମ ବିଶିଷ୍ଟ ମୌଲନା କୁଦ୍ଦୁସ ସାହେବ କାସମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଜରାଟର ଅହେମଦାବାଦର ଖ୍ୟାତନାମ ଧର୍ମ ପ୍ରଚାରକ ଅହେମଦ ଅଲ୍ଲି ସାହେବ ମୁଖ୍ୟ ବକ୍ତା ଏବଂ ଓଡ଼ିଶାର ବରିଷ୍ଠ ଧର୍ମଗୁରୁ ମୁଫତି ନକିବୁଲ ଅମୀନ ବରକୀ, ମୌଲାନା ଫାରୁଖ୍ କାସମୀ, ମୌଲାନା ବିଲାଲ୍‌କାସମୀ, ମୌଲାନା ଖୈରୁଦ୍ଦିନ୍‌ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ମୋଇନ ଖାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଜଲସାରେ ଦେଶର ଖ୍ୟାତନାମା ନାତକାର (ଇସଲାମୀୟ ଧର୍ମବାଣୀକୁ ସଙ୍ଗୀତ ଆକାରରେ ଗାନ କରିବା) କାରୀ କମରୁଲ୍ ଇସଲାମ୍ ଯୋଗଦାନ କରିଥିଲେ। ନୌଜବାନ କମିଟି ସଭାପତି ମୁସ୍ତକିମ ଖାନ୍ ଓ ସମ୍ପାଦକ ଜମାଲୁଦ୍ଦିନ ଖାନ୍ ଏବଂ ସାହି ସରଦାର ବରକତୁଲ୍ଲା ଖାନ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବାଲିଆ, ପଡୋଶୀ ଗୋଲରାହାଟ, ଓଲଡ଼ି, ସବଳଙ୍ଗ କଣିପଡା ଓ ଛତିଶା ଗ୍ରାମ ସମେତ କେନ୍ଦ୍ରାପଡା ଜିଲାର ବିଭିନ୍ନ ସଂଖ୍ୟାଲଘୁ ସାହିରୁ ବହୁସଂଖ୍ୟାରେ ମୁସଲମାନ ମହିଳାପୁରୁଷ ଉପସ୍ଥିତ ରହି ବକ୍ତାମାନଙ୍କ ଧର୍ମବାଣୀ ଶୁଣିଥିଲେ। ଏହି ଅବସରରେ ଆୟୋଜକ କମିଟି ପକ୍ଷରୁ ସମସ୍ତ ଧର୍ମଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଜଲସା କାର୍ଯ୍ୟକ୍ରମ ପରିଚାଳନାରେ ମହମ୍ମଦ୍ ନିହାଲ୍, ମହମ୍ମଦ୍ ଇସମାଇଲ୍ ଖାନ୍, ମୁରତଜା ଖାନ୍, ଅଖତର୍ ଖାନ୍‌ଙ୍କ ସମେତ କମିଟି ଓ ସାହିର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

# ଅଶ୍ରୁଖୋଳା ଉନ୍ନୟନ ପରିଷଦର ବାର୍ଷିକ ସାଧାରଣ ସଭା

ପାଟକୁରା, ୨୯।୩ (ରବୀନ୍ଦ୍ର ନାଥ ବାରିକ)



ବାର୍ଷିକ ସାଧାରଣ ସଭାରେ ଉପସ୍ଥିତ ପରିଷଦର ପଦାଧିକାରୀ।

ଅଶ୍ରୁଖୋଳା ଉନ୍ନୟନ ପରିଷଦର ବାର୍ଷିକ ସାଧାରଣ ସଭା ଅରିଲୋସ୍ଥିତ ଶିଶୁ ଅନନ୍ତ ଆଶ୍ରମରେ ଉନ୍ନୟନ ପରିଷଦର ମାର୍ଗ ଦର୍ଶକ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ଆଶୀର୍ବାଦ ନେଇ ରବିବାର ପୂର୍ବାହ୍ନ ୧୦ଟାରେ ପରିଷଦର ସଭାପତି ଡ଼ ଅମରେନ୍ଦ୍ର ନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅଦ୍ୟାବଧି ଅଶ୍ରୁଖୋଳା ଯୋରର ପୁନରୁଦ୍ଧାର ପ୍ରୟାସର ଫଳ ସ୍ୱରୂପ ପରିଷଦ ସରକାରଙ୍କଠାରୁ ଯେଉଁ ଉପଲବ୍ଧିମାନ ହାସଲ କରିଛି ସେ ସମ୍ପର୍କରେ ସୂଚନା ଦେଇ ସଭାପତି କହିଥିଲେ, ପ୍ରଥମ ପର୍ଯ୍ୟାୟରେ କଟକ ଡ୍ରେନେଜ୍ ଡିଭିଜନ ଯେଉଁ ୪.୭ କି.ମି.ର ପୁନରୁଦ୍ଧାର ପ୍ରକ୍ରିୟା କରିଥିଲେ ତାହା ପ୍ରାୟତଃ ୯୫% ସରି ଯାଇଛି। ଅବଶିଷ୍ଟ କାମ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଶେଷ କରି ଦେବେ ବୋଲି ଡିଭିଜନର ନିର୍ବାହୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ୮.୯ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଜନସାଧାରଣଙ୍କ ସହଯୋଗ ମିଳିଲେ ଖୁବ୍‌ଶୀଘ୍ର ଆରମ୍ଭ ହେବ। ତୃତୀୟ ପର୍ଯ୍ୟାୟରେ ରାଏସରଠାରୁ ଅନ୍ତେଇ ପର୍ଯ୍ୟନ୍ତ କାମର ପ୍ରକଳ୍ପ ପାଇଁ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି। ଯାହା ଖୁବ୍‌ଶୀଘ୍ର ଅନୁମୋଦନ ମିଳିବ ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଅବଶିଷ୍ଟ ପୁନରୁଦ୍ଧାର ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ପ୍ରତି ପଞ୍ଚାୟତରୁ ପ୍ରତିନିଧିଙ୍କୁ ନେଇ ୫ଟି ଗ୍ରୁପ ଗଠନ କରାଯିବ। ସୁଖର ବିଷୟ ପରିବେଶ ଉପରେ କାମ କରୁଥିବାରୁ ଭାରତ ସରକାରଙ୍କ ସିଡ୍ ଇଣ୍ଡିଆ ନାମକ ଏକ ସଂସ୍ଥା ପକ୍ଷରୁ ପରିଷଦକୁ ଚିହ୍ନଟ କରି ଆସନ୍ତା ଏପ୍ରିଲ୍ ୭ ତାରିଖରେ ସ୍ୱୀକୃତି ଦେଇ ପୁରସ୍କୃତ କରିବେ। ଏତଦ୍ ବ୍ୟତିତ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନଜିଟି) ରେ ଥିବା ମାମଲା ଓ ଅନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବୈଠକରେ ପରିଷଦର ଉପସଭାପତି ଗଙ୍ଗାଧର ପରିଡ଼ା, ସାଧାରଣ ସମ୍ପାଦକ ଡା. ହଲିମ୍ ଖାନ୍, ଯୁଗ୍ମ ସମ୍ପାଦକ ନୃସିଂହ ପ୍ରସାଦ ଦାସ, କୋଷାଧ୍ୟକ୍ଷ ନୃସିଂହ ଚରଣ ବେହେରା, କାର୍ଯ୍ୟକାରୀ କମିଟିର ସଦସ୍ୟ ଡ. ଦୀପ୍ତି ରଞ୍ଜନ କାନୁନଗୋ, ଅମିୟ ପତି, ସରପଞ୍ଚ ସଞ୍ଜୟ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଶ୍ରମର କୁନୁଭାଇ ସଭା ପରିଚାଳନା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରିଥିଲେ।

# ଗୋବରୀ ନଦୀରେ ଘୂରି ବୁଲୁଛି ବଉଳା କୁମ୍ଭୀର

## ନଦୀକୂଳିଆ ବାସିନ୍ଦା ଆତଙ୍କିତ

ମହାକାଳପଡ଼ା, ୨୯।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ଗୋବରୀ ନଦୀର କାଉସପାଳ ଫେରୁଘାଟଠାରେ ଏକ ୨୦ ଫୁଟ ଲମ୍ବର ବଉଳ କୁମ୍ଭୀର ଘୂରି ବୁଲୁଛି। ଏହାକୁ ନେଇ ନଦୀ କୂଳିଆ ବାସିନ୍ଦା ଆତଙ୍କିତ ହୋଇପଡିଛନ୍ତି। ପାଣିରେ ପ୍ରବେଶ କରିବା ମାତ୍ରେ କୁମ୍ଭୀର ଆକ୍ରମଣରେ ଶିକାର ହେଉଥିବା ଅଭିଯୋଗ ହେଉଛି। କିଛି ମାସ ମଧ୍ୟରେ ବେଣାକନ୍ଧା ମୌଜାର ଜଣେ ମହିଳାକୁ କୁମ୍ଭୀର ଟାଣି ଟାଣି ନେଇଥିଲା। ପରଦିନ କିଛି ଦୂରରେ ମହିଳାଙ୍କ ମୃତଦେହ ଜବତ ହୋଇଥିଲା। ସେହିପରି ଚଳିତ ମାସ ପ୍ରଥମ ସପ୍ତାହରେ କାଉଶପାଳ ମୌଜାର ଜଣେ ମସ୍ୟଜୀବୀ ଭଉଁରୀ ଜାଲ ପକାଇବା ବେଳେ କୁମ୍ଭୀର ଟାଣି ନେଇଥିଲା। ପରଦିନ ଉକ୍ତ ସ୍ଥାନରୁ ମସ୍ୟଜୀବୀଙ୍କୁ ମୃତଦେହ ଉଦ୍ଧାର କରାଯାଇଥିଲା। ସେହିପରି ୨ ଦିନ ପୂର୍ବରୁ ବାହାର ସୋବଳା ମୌଜାର ଜଣେ ମହିଳା ଶୌଚ ହେବାକୁ ଯାଇ ଗୋବରୀ ନଦୀରେ କୁମ୍ଭୀର ଟାଣି ନେଇଥିଲା। ଏବେ ନିଖୋଜ ମହିଳାଙ୍କ ମୃତଦେହ ଏକଲପୁର ଫେରିଘାଟଠାରେ ଭାସି ଯାଉଥିବା ବେଳେ ସ୍ଥାନୀୟ ଯୁବକ ମାନେ ଦେଖିଥିଲେ। ପରିବାର ଲୋକ ନଦୀରୁ ମହିଳାଙ୍କ ମୃତଦେହକୁ ରବିବାର ଅପରାହ୍ନରେ ଉଦ୍ଧାର କରିଛନ୍ତି। ଅପରପକ୍ଷରେ ୨ ବର୍ଷ ପୂର୍ବେ ଖରିନାସୀ ଅଞ୍ଚଳର ମହିଳାଙ୍କୁ ମାଛ ଧରିବା ସମୟରେ କୁମ୍ଭୀର ଟାଣି ନେଇଥିଲା। ପରେ ମୃତଦେହ ଉଦ୍ଧାର କରାଯାଇଥିଲା। ସେହିପରି କିଛି ମାସ ପୂର୍ବରୁ ବାଘୁଆମେଦ ମୌଜାର ଚାଷୀ ଓ ଜଙ୍ଗଲ ଘେରି ଅଞ୍ଚଳର ମସ୍ୟଜୀବୀ ରାମଚଣ୍ଡି ଗଳିଆ ନାଳରେ ମାଛ ଧରିବା ବେଳେ କୁମ୍ଭୀର ସହିତ ଲଢ଼େଇ କରି ଜୀବନ ବଞ୍ଚାଇ ପାରିଥିଲେ। ବନ ବିଭାଗ ପକ୍ଷରୁ ନଦୀ ନାଳରେ ପ୍ରବେଶ ନ କରିବା ପାଇଁ ବାରଣ କରାଯାଇଛି। ହେଲେ ଲୋକମାନେ ଜୀବନ ଜୀବିକା ନିର୍ବାହ ପାଇଁ ନଦୀନାଳରେ ପ୍ରବେଶ କରି ମାଛ କଙ୍କଡ଼ା ଧରି ପରିବାର ପ୍ରତିପୋଷଣ କରୁଛନ୍ତି। କେତେଜଣ ମହିଳା ମାନେ କହିବା କଥା ନଦୀରୁ ପାଣି ଛାଡିବା ପରେ ଆଣ୍ଠୁଏ ପାଣିରେ ଚୁନା ମାଛ, ଚିଙ୍ଗୁଡ଼ି, କଙ୍କଡା ଅଣ୍ଡାଳି ଅଣ୍ଡାଳି ଧରିଥାଉ। ଆମ ଆଗରେ ପଛରେ କୁମ୍ଭୀରକୁ ସାମ୍ନା କରିବାକୁ ପଡ଼େ ବୋଲି ଲକ୍ଷ୍ମୀ ମଣ୍ଡଳ, ଭବାନୀ ମାନ୍ନା , ଶକୁନ୍ତଳା ମଣ୍ଡଳ, ମନୋରମା ଦାସ, କୁସୁମ ମଣ୍ଡଳ, କୁମୁଦିନି ମଣ୍ଡଳ ପ୍ରମୁଖ କହିଛନ୍ତି।



କାଉସପାଳ ଫେରିଘାଟଠାରେ ବଉଳା କୁମ୍ଭୀର ବୁଲୁଛି।

# ନଦୀଗର୍ଭରେ ଲୀନହେବ ଶତାଧିକ ଏକର ଜମି

## ନଦୀ ତଟବର୍ତ୍ତୀ ଜମିର ସୁରକ୍ଷା ପାଇଁ ଏସ୍‌କେପ୍ ନିର୍ମାଣ ଦାବି

ଖଣ୍ଡପଡ଼ା,୨୯।୩
(ଅଜୟ କୁମାର ମହାରଣା)

ପ୍ରତିବର୍ଷ ମହାନଦୀ, କୁସୁମୀ ଓ କୁଆଁରିଆ ନଦୀ ବନ୍ୟାରେ ନଦୀ ତଟବର୍ତ୍ତୀ ଫସଲ ଜମି କ୍ରମଶଃ ଲୀନ ହେବାରେ ଲାଗିଛି। ଏହାଛଡ଼ା ପ୍ରବଳ ବନ୍ୟା ସ୍ରୋତରେ ନଦୀକୂଳବର୍ତ୍ତୀ ଜମିର ମୃତ୍ତିକା କ୍ଷୟ ହେଉଥିବା ବେଳେ ଅନେକ ଚାଷଜମି ମଧ୍ୟ ବାଲିଚର ହେଉଛି। ସମ୍ପୃକ୍ତ ନଦୀ ତଟବର୍ତ୍ତୀ ଜମିର ସୁରକ୍ଷା ପାଇଁ ଉଭୟ ନଦୀର ସଙ୍ଗମ ସ୍ଥଳରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଏକ ଏସ୍‌କେପ୍ ନିର୍ମାଣ ସହ ନଦୀକୂଳରେ ପଥର ପ୍ୟାକିଂ କରାଯିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।

କଣ୍ଟିଲୋ, ଦୁଆରଗାଁ ଓ ଧାନଚେଙ୍ଗଡା ଗ୍ରାମ ନିକଟ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମ ସ୍ଥଳରୁ କମେଇ ନଦୀର ସୃଷ୍ଟି। ଏହି କମେଇ ନଦୀର ଓସାର ପ୍ରାୟ ଦେଢ଼ଶହ ଫୁଟ ହୋଇଥିବାବେଳେ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମ ସ୍ଥଳଠାରୁ ପ୍ରାୟ ୪ କି.ମି. ଦୂର ତଳମୁଣ୍ଡରେ ପ୍ରବାହିତ ମହାନଦୀ ସହ କମେଇ ନଦୀ ମିଶିଛି। ନିକଟବର୍ତ୍ତୀ ଗ୍ରାମ ଓ ଚାଷ ଜମିର ସୁରକ୍ଷା ଦୃଷ୍ଟିରୁ ଜଳ ସମ୍ପଦ ବିଭାଗ ପକ୍ଷରୁ କମେଇ ବ୍ରିଜଠାରୁ ଧାନଚେଙ୍ଗଡା ପର୍ଯ୍ୟନ୍ତ କମେଇ ନଦୀର ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ୨.୫ କି.ମି. ଲମ୍ବର ମାଳ ବନ୍ଧ ନିର୍ମାଣ କରାଯାଇଛି। ସେହିପରି କଣ୍ଟିଲୋ ପୂର୍ତ୍ତ ବିଭାଗ ରାସ୍ତାଠାରୁ କମେଇ ବାମପାର୍ଶ୍ୱ ଧୋବଣୀଘାଇ–ଭାଗବତ ମୁଣ୍ଡିଆ ପର୍ଯ୍ୟନ୍ତ ପ୍ରାୟ ୪ କି.ମି. ଲମ୍ବର ମାଳବନ୍ଧ ନିର୍ମାଣ କରାଯାଇଛି। ମାତ୍ର କମେଇ ନଦୀ ଓ କମେଇ ବାମପାର୍ଶ୍ୱ ମାଳବନ୍ଧ ମଧ୍ୟରେ ଥିବା ଛଣପାଟ, ପାଟକୁକୁଟା, ବୋଲୁଅ ପାଟ, କେନ୍ଦୁଆ ଓ ମରେଇକଣର ପ୍ରାୟ ବହୁ ଏକରରୁ ଊର୍ଦ୍ଧ୍ୱ ଜମି ପ୍ରତିବର୍ଷ ବନ୍ୟାରେ ଜଳମଗ୍ନ ହୋଇଥାଏ। ଜମିଗୁଡ଼ିକରେ ପଟୁ ମାଡ଼ି ଯାଉଥିବାରୁ ଏହି ଜମିରେ ଧାନ ଫସଲ କରିବା ସମ୍ଭବ ନୁହେଁ। ମାତ୍ର ଏହିସବୁ ଜମିରେ ଧାନ ଫସଲ ବ୍ୟତୀତ ଆଖୁ, ମୁଗ, ବିରି, କୋଳଥ ଓ ବାଦାମ ଚାଷ କରାଯାଇଥାଏ। ଏବେ କିନ୍ତୁ କେହି ଆଖୁଚାଷ କରୁ ନ ଥିବା ଜଣାଯାଇଛି। ବିଶେଷକରି ଏହିସବୁ ଜମିରୁ ପ୍ରଚୁର ପରିମାଣର ମୁଗ, ବିରି ଓ ବାଦାମ ଫସଲ ସହିତ କଣ୍ଟେଇମୁଣ୍ଡି ବାଇଗଣ ଉତ୍ପାଦନ ହୋଇଥାଏ। ପରିତାପର ବିଷୟ, ପ୍ରବଳ ବନ୍ୟାଜଳ ଉକ୍ତ ଜମିରେ ପ୍ରବାହିତ ହେବା ସମୟରେ ଅଧିକାଂଶ ଜମି ବାଲିଚର ହେବା ସହ ନଦୀକୂଳରେ ଥିବା ଜମି ଅତଡ଼ା ଖାଇ ପ୍ରତି ବର୍ଷ ଆସ୍ତେ ଆସ୍ତେ ନଦୀଗର୍ଭରେ ଲୀନ ହେଉଛି। ଏ ନେଇ କ୍ଷତିଗ୍ରସ୍ତ ଚାଷୀ ଜଳସମ୍ପଦ ବିଭାଗୀୟ କର୍ତ୍ତୃପକ୍ଷମାନଙ୍କୁ ଦୀର୍ଘବର୍ଷ ହେଲା ଅଭିଯୋଗ କରିଆସୁଥିଲେ ମଧ୍ୟ ପ୍ରତିକାର ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରାଜ୍ୟ ସରକାର ପ୍ରତିବର୍ଷ ମାଳବନ୍ଧଗୁଡିକର ରକ୍ଷଣାବେକ୍ଷଣ ଓ ମାଳବନ୍ଧ ନବୀକରଣ ଓ ସମ୍ପ୍ରସାରଣ ପାଇଁ ଅର୍ଥ ବ୍ୟୟ କରୁଛନ୍ତି। ମାତ୍ର ପ୍ରକୃତପକ୍ଷେ ଆବଶ୍ୟକ କାର୍ଯ୍ୟ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରି ବିଭିନ୍ନ ମାଳବନ୍ଧର ରକ୍ଷଣାବେକ୍ଷଣ ଆଳରେ ଅର୍ଥ ବ୍ୟୟ କରୁଥିବା ଅଭିଯୋଗ ହେଉଛି। ତେବେ କମେଇ ନଦୀ କୂଳବର୍ତ୍ତୀ ଜମିର ସୁରକ୍ଷା ତଥା ବାଲିଚରରୁ ରକ୍ଷା କରିବା ପାଇଁ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମସ୍ଥଳ ତଳମୁଣ୍ଡରେ ଦୁଇ କୂଳକୁ ଲଗାଇ ପ୍ରାୟ ୧୫୦ ଫୁଟ ଲମ୍ବ ଓ ୨ ମିଟର ଉଚ୍ଚତା ବିଶିଷ୍ଟ ଏକ ପଥର ବନ୍ଧ (ଏସ୍‌କେପ୍) ନିର୍ମାଣ କରାଗଲେ ଚାଷୀମାନଙ୍କ ବହୁଦିନର ସମସ୍ୟା ଦୂର ହୋଇପାରନ୍ତା ବୋଲି ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ବନ୍ୟା ସମୟରେ କମେଇ ନଦୀର ଜଳପତ୍ତନ ଦୁଇ କୂଳ ଲଘି ପ୍ରାୟ ୨୫ରୁ ୩୦ ଫୁଟ ଉଚ୍ଚରେ ପ୍ରବାହିତ ହୋଇଥାଏ। ନଦୀ ମଧ୍ୟରେ ୨ ମିଟର ଉଚ୍ଚତା ବିଶିଷ୍ଟ ଏହି ଏସ୍‌କେପ୍ ନିର୍ମାଣ ହେଲେ ବନ୍ୟା ସ୍ରୋତରେ ଭାସି ଆସୁଥିବା ବାଲି ଏହି ଏସ୍‌କେପ୍‌ରେ ବାଧାପ୍ରାପ୍ତ ହୋଇ ସେଠାରେ ଅଟକିଯିବା ସହ ପ୍ରଖର ସ୍ରୋତ ଏଠାରେ ବାଧା ପାଇ ତା'ର ପ୍ରଖରତା ହରାଇ ନଦୀ କୂଳବର୍ତ୍ତୀ ଜମିଗୁଡ଼ିକରେ ସେତେଟା ପ୍ରଭାବ ପକାଇବ ନାହିଁ କିମ୍ବା ବିଶେଷ କ୍ଷୟକ୍ଷତି ଘଟାଇବ ନାହିଁ। ଏହାଛଡ଼ା ଲୋକ ପ୍ରତିନିଧିମାନେ ଏହି ଯୋଜନା ଉପରେ ଗୁରୁତ୍ୱାରୋପ କରି ପ୍ରଶାସନର ସହଯୋଗ ଲୋଡ଼ିପାରିଲେ ଏହି କାର୍ଯ୍ୟ ସମ୍ପାଦନ କରିବା ସମ୍ଭବ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ରାମମୋହନ ବେହେରାଙ୍କୁ ପଚାରିବାରେ ଏହାର ଆବଶ୍ୟକତା ରହିଛି, ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ନେଇ ଅବଗତ କରାଯିବା ପରେ ଏବଂ ସେମାନେ ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


କମେଇ ନଦୀ ସ୍ରୋତରେ ମୃତ୍ତିକା କ୍ଷୟ ହେଉଛି।

## ଖଣ୍ଡପଡ଼ା ମା' ଡୁମାଲୁଣୀଙ୍କର ଉଭାଯାତ୍ରା


ମା' ଡୁମାଲୁଣୀଙ୍କର ସ୍ୱତନ୍ତ୍ର ବେଶ।

ଖଣ୍ଡପଡା,୨୯।୩
(ଅଜୟ କୁମାର ମହାରଣା)

ଚୈତ୍ରମାସର ଶେଷ ଗୁରୁବାର କିମ୍ବା ରବିବାର ଯଦି ପଡିଥାଏ ତାହା ହେଲେ ଖଣ୍ଡପଡାଗଡର ଅନ୍ୟତମ ଶକ୍ତିପୀଠ ରୁପେ ମା' ଡୁମାଲୁଣୀଙ୍କ ଉଭାପର୍ବ ସେହିଦିନ ପାରମ୍ପରିକ ରୀତିରେ ପାଳନ ହୋଇଥାଏ। ଏ ପରିପ୍ରେକ୍ଷୀରେ ରବିବାର ଚୈତ୍ରମାସର ଶେଷ ରବିବାର ଯୋଗୁ ଠାକୁରାଣୀଙ୍କ ଏହି ଯାତ୍ରା ପ୍ରତିବର୍ଷ ପରି ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ସହରାଞ୍ଚଳର ୧୦ନଂ. ୱାର୍ଡ ବ୍ରାହ୍ମଣସାହିର ଅଧିଷ୍ଠାତ୍ରୀ ଦେବୀ ମା' ଡୁମାଲୁଣୀଙ୍କର ଉଭାଯାତ୍ରା ପର୍ବ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ମା'ଙ୍କ ପୀଠ ବେଶ୍ ଜଣାଶୁଣା। ପ୍ରାତଃ ସମୟରେ ମନ୍ଦିର ପରିସରକୁ ସୁସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରତ୍ୟେକ ବର୍ଷଭଳି ମା'ଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଉଭାପର୍ବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଧୂପ, ଦୀପ, ନୈବେଦ୍ୟ ଓ ହୋମଯଜ୍ଞ ଇତ୍ୟାଦି କାର୍ଯ୍ୟ ମା'ଙ୍କ ନିକଟରେ ସମାପନ ପରେ ଦେହୁରୀ ପୂଜକ ମା'ଙ୍କ ଆର୍ଶିବାଦରେ ଉଭା ହୋଇଥିଲେ। ପରେ ମନ୍ଦିର ପରିସରରୁ ଏକ ଆଜ୍ଞାମାଳ ନେଇ ଦେହୁରୀ ପୂଜକ ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଇଥିଲେ। ଉଭା ଯାତ୍ରା ପର୍ବ ଉପଭୋଗ କରିବା ତଥା ମା'ଙ୍କ ସୁବେଶ ଦର୍ଶନ ପାଇଁ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ୧୦ନଂ. ୱାର୍ଡର ସ୍ୱେଚ୍ଛାସେବୀଙ୍କ ସମେତ ମା'ଡୁମାଲୁଣୀ କ୍ଲବ୍‌ର ସଦସ୍ୟମାନେ ସହଯୋଗ କରିଥିଲେ।

# ଖଣ୍ଡପଡ଼ା–କଣ୍ଟିଲୋ ରାସ୍ତା ପ୍ରଶସ୍ତୀକରଣ ଦାବି

ଖଣ୍ଡପଡ଼ା,୨୯।୩
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିରେ ଆଦିପୀଠ ଭାବେ କଣ୍ଟିଲୋର ଶ୍ରୀ ନୀଳମାଧବ ପୀଠ ସର୍ବଜନ ବିଦିତ। ରାଜ୍ୟ ତଥା ନୟାଗଡ଼ ଜିଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ସଂଯୋଗ କରୁଥିବା ଖଣ୍ଡପଡା–କଣ୍ଟିଲୋ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ଥିବା ଖଣ୍ଡପଡା–ବାଣପୁର ଓ ଶୁଳିଆ ଛକଠାରୁ କଣ୍ଟିଲୋ ଗ୍ରାମ୍ୟ ଉନ୍ନୟନ ଏହି ରାସ୍ତା ୨ଟି ଜନଗହଳି ପୂର୍ଣ୍ଣ ଖଳିସାହି, ମର୍ଦ୍ଦରାଜପୁର ଓ ବେଣାଗାଡିଆ ଗ୍ରାମ ମଧ୍ୟ ଦେଇ ଯାଇଛି। ଦୈନିକ ଉକ୍ତ ରାସ୍ତା ଦେଇ ବହୁ ସଂଖ୍ୟାରେ ଭାରିଯାନ, ଯାତ୍ରୀବାହୀ ଯାନ ସହ ପ୍ରତ୍ୟେହ ଶତାଧିକ ହାଇୱା ଗାଡି ମହାନଦୀ ଘାଟରୁ ବାଲି ବୋଝେଇ କରି ଯାତାୟାତ କରୁଛି। ଫଳରେ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଇ ଖାଲଖମା ସୃଷ୍ଟି ହୋଇଛି। ଖଣ୍ଡପଡାରୁ କିଣ୍ଟିଲୋର ଦୂରତା ୧୪ କିଲୋମିଟର ଉକ୍ତ ରାସ୍ତାର ହୋଇଥିବାବେଳେ ଯାନବାହନଗୁଡ଼ିକୁ ୪୫ ମିନିଟ୍ ସମୟ ଲାଗୁଛି। ଅଣ ଓସାରିଆ ରାସ୍ତାର ଦୁରାବସ୍ଥା ସାଙ୍ଗକୁ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ଅପରପକ୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଶୁଳିଆ ଛକଠାରୁ ୩ କିଲୋମିଟର ଦୂରତ୍ୱ ବିଶିଷ୍ଟ କଣ୍ଟିଲୋକୁ ବହୁ ଅର୍ଥ ବ୍ୟୟରେ ନିର୍ମିତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ କଂକ୍ରିଟ ରାସ୍ତା ନିର୍ମାଣର ଗୋଟିଏ ମାସ ମଧ୍ୟରେ ଫାଟି ନଷ୍ଟ ହେବାକୁ ବସିଲାଣି। ସେହିପରି ରାସ୍ତା ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ଋତୁରେ ରାସ୍ତା ସାରା ପାଣି ଓ ପାର୍ଶ୍ୱ ଜନବସତିର ଉଦ୍‌ବୃତ ପାଣି ରାସ୍ତା ଉପରେ ପ୍ରବାହିତ ହେବା ସହ ବିଭିନ୍ନସ୍ଥାନରେ ଜମି ରହି ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ବର୍ଷତମାମ ରାଜ୍ୟର କୋଣ ଅନୁକୋଣ ସମେତ ରାଜ୍ୟ ବାହାରରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ପ୍ରଭୁ ଶ୍ରୀନୀଳମାଧବଙ୍କୁ ଦର୍ଶନ ନିମନ୍ତେ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଏଣୁ ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତାର ନବୀକରଣ ସହ ପ୍ରଶସ୍ତୀକରଣ ଦିଗରେ ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ ସହ ସ୍ଥାନୀୟ ବିଧାୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ନିଶାମୁକ୍ତ ସମାଜ ଗଠନରେ ଯୁବକଙ୍କ ଭୂମିକାକୁ ଗୁରୁତ୍ୱ



ଖବରଦାତା ସମ୍ମିଳନୀରେ ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦର ସଦସ୍ୟମାନେ।

## ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦର ଖବରଦାତା ସମ୍ମିଳନୀ

ଖଣ୍ଡପଡ଼ା ୨୯।୩
(ଅଜୟ କୁମାର ମହାରଣା)

ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦ ଖଣ୍ଡପଡ଼ା ଶାଖା ପକ୍ଷରୁ ଏକ ନିଶାମୁକ୍ତ ସମାଜ ଗଠନ ନେଇ ଏକ ସଂକଳ୍ପ ସମାବେଶ ପରିପ୍ରେକ୍ଷୀରେ ଏକ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ଗ୍ରାମର ପ୍ରଭୁ ଶ୍ରୀସୋମନାଥଦେବଙ୍କ ପଞ୍ଚୁଦୋଳ ମେଳଣ ପଡିଆରେ ଆୟୋଜିତ ସମ୍ମିଳନୀରେ ପରିଷଦର ସଭାପତି ଡା. ଶୁଭେନ୍ଦୁ କୁମାର ସାହୁ ନିଶାମୁକ୍ତ ସମାଜ ଗଠନ ନେଇ ସଂକଳ୍ପ ସମାବେଶ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ପରିଷଦର ଜର୍ସି ଓ ଲୋଗୋ ଉନ୍ମୋଚିତ ହୋଇଥିଲା। ରାଷ୍ଟ୍ରବାଦୀ ଭାବଧାରାରେ ଯୁବକମାନଙ୍କୁ ଉଦ୍ରେକ କରି ସଙ୍ଗଠିତ କରିବା ସହ ସେମାନଙ୍କ ମଧ୍ୟରେ ଦେଶପ୍ରେମ ଭାବ ଜାଗ୍ରତ କରିବା, ସାମାଜିକ କଲ୍ୟାଣ କାର୍ଯ୍ୟ ଓ ରାଷ୍ଟ୍ର ନିର୍ମାଣରେ ଯୁବବର୍ଗଙ୍କ ସକ୍ରୀୟ ସହଯୋଗ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଅଟେ ବୋଲି ପରିଷଦର ସଦସ୍ୟମାନେ ମତ ରଖିଥିଲେ। ସେହିପରି ଏକ ନିଶାମୁକ୍ତ ସମାଜ ଗଠନ ଦିଗରେ ଯୁବପିଢ଼ିଙ୍କ କିଭଳି ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିବ ସେ ଦିଗରେ ପରିଷଦ କାର୍ଯ୍ୟ କରିବ ବୋଲି ସଦସ୍ୟମାନେ ସୂଚନା ଦେଇଥିଲେ। ଏପ୍ରିଲ ୧୧ରେ ପ୍ରଭୁ ଶ୍ରୀସୋମନାଥଙ୍କ ପୀଠରେ ସାମୂହିକ ହନୁମାନ ଚାଳିଶା ପଠନ ସହ ନିଶାମୁକ୍ତ ସଂକଳ୍ପ ସମାବେଶ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ସୂଚନା ଦିଆଯାଇଥିଲା। ସମ୍ମିଳନୀରେ ଉପଦେଷ୍ଟା ଭାବେ ଭାଜପା ରାଜ୍ୟ ଯୁବ ସଭାପତି ଅଭିଳାଷ ପଣ୍ଡା, ସାମାଜିକ କର୍ମୀ ଭରତ କୁମାର ବେହେରା, ସଙ୍ଗଠକ ଜିତେନ୍ଦ୍ର କୁମାର କାଟିଆ, ସୁରେଶ ନାୟକ, ପରମେଶ୍ୱର ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦର କାର୍ଯ୍ୟଧାରା ଓ ଭବିଷ୍ୟତ କାର୍ଯ୍ୟକ୍ରମ ନେଇ ସବିଶେଷ ସୂଚନା ପ୍ରଦାନ କରିଥିଲେ।

# ଶ୍ରୀହଟ୍ଟକେଶ୍ୱରଦେବଙ୍କ ପୀଠରେ ୧୭ ଦିନିଆ ଦଣ୍ଡପର୍ବ

ଖଣ୍ଡପଡ଼ା,୨୯।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧିନ ରୟତ ଢୋଲମରା ଗ୍ରାମସ୍ଥିତ ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଶ୍ରୀହଟ୍ଟକେଶ୍ୱର ଦେବଙ୍କ ପୀଠରେ ପାରମ୍ପରିକ ଦଣ୍ଡପର୍ବ ଆରମ୍ଭ ହୋଇଛି। ଏହି ଅବସରରେ ଶନିବାର ରାତି ପ୍ରାୟ ସାଢେ ୯ଟାରେ ମାନସିକଧାରୀ ଦଣ୍ଡୁଆମାନେ ପାଣିତୋଳା କାର୍ଯ୍ୟ ଆରମ୍ଭ କରିଥିଲେ। ମାନସିକଧାରୀ ବ୍ୟକ୍ତିମାନେ ଦଣ୍ଡପର୍ବରେ ସାମିଲ ହୋଇଛନ୍ତି। ପ୍ରତ୍ୟେକ ଦିନ ଅପରାହ୍ନରେ ମା' ଦଣ୍ଡକାଳୀଙ୍କର ସ୍ନାନ ନୀତି ସମ୍ପନ୍ନ ପରେ ମାନସିକଧାରୀ ଦଣ୍ଡୁଆମାନେ ମା'ଙ୍କ ବେତ, ଆଜ୍ଞାମାଳ ଓ ଦଣ୍ଡ ଠାକୁରଙ୍କୁ ଧରି ଗ୍ରାମ ପରିକ୍ରମା କରିବାର ପରମ୍ପରା ଦୀର୍ଘବର୍ଷ ଧରି ପ୍ରଚଳିତ ହୋଇ ଆସୁଛି। ସେହିପରି ରାତିରେ ଦଣ୍ଡନାଚ ଅନୁଷ୍ଠିତ ହେଉଛି। ନିଷ୍ଠା ଓ କାଷ୍ଠାର ପର୍ବ ଭାବେ ଜଣାଶୁଣା ଦଣ୍ଡପର୍ବ ଯୋଗୁ ରୟତ ଢୋଲମରା ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ପ୍ରଭୁ ଶ୍ରୀହଟ୍ଟକେଶ୍ୱର ଦେବଙ୍କ ପୀଠରେ ପ୍ରତିବର୍ଷ ୧୭ ଦିନ ଧରି ମା' କାଳୀଙ୍କର ଦଣ୍ଡପର୍ବ ଅନୁଷ୍ଠିତ ହୋଇଥାଏ।


ଶ୍ରୀହଟ୍ଟକେଶ୍ୱର ଦେବଙ୍କ ପୀଠରେ ଦଣ୍ଡଠାକୁରଙ୍କର ପୂଜାର୍ଚ୍ଚନା କରାଯାଉଛି।

# ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ


କ୍ରୀଡ଼ା ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନୟାଗଡ,୨୯।୩ (ଲୋକନାଥ ମିଶ୍ର)

ନୟାଗଡ଼ ସେବା ଉତ୍ସବ ସମିତି ଓ ମାଇଁ ଭାରତ ମିଳିତ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ କ୍ରୀଡା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ନୟାଗଡ଼ ଜିଲାର ୮ ବ୍ଲକର କ୍ଲଷ୍ଟର ଓ ବ୍ଲକସ୍ତରରୁ ଚୟନ ହୋଇ ଆସିଥିବା କୃତୀ କ୍ରୀଡ଼ାବିତ ସାମିଲ ହୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଉଭୟ ମହିଳାପୁରୁଷ ବର୍ଗର ବ୍ୟାଡ଼ମିଣ୍ଟନ, ଭଲିବଲ, ଶହେ ମିଟର ଦୌଡ଼ ଓ କବାଡି ଖେଳ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ନୟାଗଡ଼ ଅତିରିକ୍ତ ଏସ୍‌ପି ଜ୍ୟୋତି ରଞ୍ଜନ ସାମନ୍ତରାୟ, ଯୁବ ଭାଜପା ନେତା ସନ୍ତୋଷ ପ୍ରଧାନ, ପୂର୍ବତନ ନୟାଗଡ଼ ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ବରାଡ଼, ସେବା ସମିତି ଉପଦେଷ୍ଟା ଚିତ୍ତରଞ୍ଜନ ପାତ୍ର, ଦେବଦୁତ ସେବା ପରିଷଦର ପ୍ରତିଷ୍ଠାତା ସଦସ୍ୟ ପ୍ରଭୁଦତ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ କବାଡି ଓ ଭଲିବଲ ଟୁର୍ନାମେଣ୍ଟରେ ନୟାଗଡ଼ ବ୍ଲକ ବିଜୟୀ ହୋଇଥିବା ବେଳେ ଖଣ୍ଡପଡ଼ା ରନର୍ସ ଅପ ହୋଇଥିଲା। ସେହିପରି ମହିଳା ୧୦୦ ମିଟର ଦୌଡ଼ରେ ବୈଶାଖୀ ଶାସମାଲ ପ୍ରଥମ, ସ୍ମୃତିମୟୀ ପାତ୍ର ଦ୍ୱିତୀୟ, ରିମାଳୀ ପୃଷ୍ଟି ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ପୁରୁଷ ଦୌଡ଼ରେ ଓମପ୍ରକାଶ ମହାରଣା ପ୍ରଥମ, ଜଗନ୍ନାଥ ମହାପାତ୍ର ଦ୍ୱିତୀୟ, ସୁବ୍ରତ ବେହେରା ତୃତୀୟ ସ୍ଥାନ ଅଧିକାରୀ କରିଥିଲେ। ବ୍ୟାଡ଼ମିଣ୍ଟନ ମହିଳା ଗ୍ରୁପରେ ଅର୍ପିତା ସାହୁ ପ୍ରଥମ, ଶିଖାରାଣୀ ମହାନ୍ତି ଦ୍ୱିତୀୟ, ଶ୍ରଦ୍ଧାଞ୍ଜଳି ନାୟକ ତୃତୀୟ ଏବଂ ପୁରୁଷ ଗ୍ରୁପରେ ରାକେଶ ମିଶ୍ର ଓ ଜିତେନ୍ଦ୍ର ପାତ୍ର ଯୁଗ୍ମ ଭାବେ ପ୍ରଥମ, ବଳଭଦ୍ର ବେହେରା ଦ୍ୱିତୀୟ, ପିୟୁଷ ରଞ୍ଜନ ସାମଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ଖେଳ ଇଣ୍ଡିଆ କୋଚ ସୁଶାନ୍ତ ଜେନା, ସେବା ସମିତି ସଦସ୍ୟ ଆଶୁତୋଷ ସାହୁ, ସୁନୀଲ କୁମାର ନାୟକ, ବର୍ଷା ପ୍ରିୟଦର୍ଶିନୀ, ପ୍ରଶାନ୍ତ କୁମାର ସାହୁ, ସ୍ମୃତିଶିଖା ପରିଡା, ଦେବାଶିଷ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ସଙ୍କଟ ମଧ୍ୟରେ କଂସା, ପିତ୍ତଳ ଶିଳ୍ପ

## ସରକାର ଦୃଷ୍ଟି ନ ଦେଲେ ପୁରାତନ ଐତିହ୍ୟ ବୁଡ଼ିଯିବ

ଖଣ୍ଡପଡ଼ା,୨୯।୩
(ଅଜୟ କୁମାର ମହାରଣା)

ଏକଦା ନୟାଗଡ଼ ଜିଲା କଣ୍ଟିଲୋର କଂସା, ପିତ୍ତଳ ବାସନ ଶିଳ୍ପ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଥିଲା। ବର୍ତ୍ତମାନ କଞ୍ଚାମାଲର ଅଭାବ ଓ ଉତ୍ପାଦିତ ସାମଗ୍ରୀର ବଜାର ଚାହିଦା ହ୍ରାସ ପାଉଥିବାରୁ କାରିଗରମାନେ ହାତବାନ୍ଧି ବସିବା ସହ ଶିଳ୍ପର ଅଚଳାବସ୍ଥା ସୃଷ୍ଟି ହୋଇଛି। ଅପରପକ୍ଷରେ ଆଜିର ସୌଖୀନ ଷ୍ଟିଲ ଓ ଆଲୁମିନିୟମ ବାସନ ଏ ପାରମ୍ପରିକ କଂସାବାସନ ଶିଳ୍ପକୁ ପଙ୍ଗୁ କରିଦେଇଛି। କଂସା ବାସନର କଞ୍ଚାମାଲ ଓ ନୂତନ ବୈଷୟିକ ଜ୍ଞାନ କୌଶଳଜନିତ ସମସ୍ୟା ଏହି ଶିଳ୍ପ ପାଇଁ ମୁଖ୍ୟ ପ୍ରତିବନ୍ଧକ ହୋଇଛି। ସରକାର ଏହି ଶିଳ୍ପର ବିକାଶ ଦିଗରେ ଦୃଷ୍ଟି ନ ଦେଲେ ରାଜ୍ୟରେ ଥିବା ବହୁ କାରିଗର ସେମାନଙ୍କର କୂଳବେଉସା ତଥା ଜୀବିକା ହରାଇବା ସହ ଏକ ପୁରାତନ ଐତିହ୍ୟ ସମ୍ପୂର୍ଣ୍ଣ ବୁଡିଯିବା ଆଶଙ୍କା ରହିଛି।

ଦୁର୍ଦ୍ଦଶା ମଧ୍ୟ ଦେଇ ଆଜି ଗତି କରୁଛି ଓଡ଼ିଶାର କଂସାରି ସମାଜ। ସେମାନଙ୍କ ମଧ୍ୟରୁ ବହୁ ଶିଳ୍ପୀ ଆଜି ବାସଚ୍ୟୁତ। ନିଜର ଭିଟାମାଟି ଛାଡ଼ି ଏହି କଂସାରି କାରିଗର ନୟାଗଡ଼ ଜିଲାର କଣ୍ଟିଲୋ, ଶରଣକୁଳ, ଖଳିସାହି, ଇଟାମାଟି, ସୁନାଖଳା, ପୁରୀ ଜିଲାର ବାଲକାଟୀ, କଟକ ଜିଲାର ଭଙ୍ଗିମୁଣ୍ଡା, ଢେଙ୍କାନାଳର ଭୁବନ, ଇନ୍ଦୁପୁର, ଓଉଖମା, ବିନ୍ଧାଣିମା ଆଦି ଅଞ୍ଚଳରୁ କର୍ମସଂସ୍ଥାନ ପାଇଁ ଅନ୍ୟତ୍ର ଚାଲି ଯାଉଛନ୍ତି। ଏମାନଙ୍କ ପିଲାଛୁଆଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟରେ ରହିଛି। ରାଜ୍ୟ ଓ କେନ୍ଦ୍ର ସରକାର ଏହି ଶିଳ୍ପ ପାଇଁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନାମାନ ପ୍ରଣୟନ କରୁଛନ୍ତି। ମାତ୍ର ଏହିସବୁ ଯୋଜନା ତୃଣମୂଳସ୍ତରରେ କାହାର ଆନ୍ତରିକତା ପ୍ରକାଶ ପାଉନାହିଁ। ଯୋଜନାନୁସାରେ ବହୁ କାରିଗର ସରକାରୀ ଭାବେ ତାଲିମ ନେଇଛନ୍ତି। ଅଧିକାଂଶ ଷ୍ଟାଇପେଣ୍ଡ ପାଇବା ଲକ୍ଷ୍ୟରେ ତାଲିମ କେନ୍ଦ୍ରରେ ଉପସ୍ଥାନ ପକାଇ ନିଜ କାର୍ଯ୍ୟରେ ବ୍ୟସ୍ତ ରୁହନ୍ତି। ଯଦି ବହୁ ତାଲିମପ୍ରାପ୍ତ କାରିଗରଙ୍କ ମଧ୍ୟରୁ ୧୦ ପ୍ରତିଶତ ସରକାରଙ୍କ ଯୋଜନାକୁ ଆପଣାନ୍ତି, ତେବେ ଏ ଶିଳ୍ପର ବିକାଶ ଦିଗରେ ସହାୟତା ହୁଅନ୍ତା ବୋଲି କଣ୍ଟିଲୋ ଅଞ୍ଚଳର ସମବାୟବିତ୍ ଶରତ ଚନ୍ଦ୍ର ମହାରଣା କହିଛନ୍ତି। ନ ହେଲେ ସରକାରଙ୍କ ଯୋଜନା ଓ ଅନୁଦାନ ଅର୍ଥ ପଥଭ୍ରଷ୍ଟ ହେଉଛି। କାରିଗର ତଥା ଶିଳ୍ପର ସାମୂହିକ ଉନ୍ନତି ପାଇଁ ରାଜ୍ୟ ସରକାର କୌଣସି ଧ୍ୟାନ ଦେଉନାହାନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଓଡ଼ିଶାର କଂସାରି ସମାଜ ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଏକ ସମୃଦ୍ଧଶାଳୀ ଶିଳ୍ପୀ ଜାତି ଭାବେ ପରିଗଣିତ ହେଉଥିଲେ। ଏହି କାରିଗର ଦିନକୁ ୧୨ରୁ ୧୩ ଘଣ୍ଟା ପରିଶ୍ରମ କରି ଶାଳ ପାଖରେ ରହି ତତଲା କଂସା ଓ ପିତଳକୁ ୪ରୁ ୫ ଜଣ ମିଳିତ ଭାବେ ତାଳ ମେଳ ରଖି ହାତୁଡ଼ି ପ୍ରହାର କରି ବାସନ ସାମଗ୍ରୀ ପ୍ରସ୍ତୁତ କରିଥା'ନ୍ତି। କିନ୍ତୁ କଞ୍ଚାମାଲର ଅଭାବ ଓ ଉତ୍ପାଦିତ ସାମଗ୍ରୀର ଚାହିଦା କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଏ କ୍ଷେତ୍ରରେ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ପୁରାତନ ଐତିହ୍ୟ ଏହି ହସ୍ତଶିଳ୍ପକୁ ଉଜ୍ଜୀବିତ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ମାତ୍ର ସରକାରଙ୍କ ପକ୍ଷରୁ ମିଳୁଥିବା ଷ୍ଟାଇପେଣ୍ଡକୁ ତାଲିମ ନେଉଥିବା ଯୁବତୀ ଯୁବକଙ୍କୁ ପ୍ରଦାନ କରାଯାଉଥିବା ବେଳେ ତାଲିମପ୍ରାପ୍ତ ପରେ କାର୍ଯ୍ୟକ୍ରମର ବ୍ୟବସ୍ଥା ନ ଥିବାରୁ ଏହା ଯୋଜନା ମଧ୍ୟରେ ସୀମିତ ରହିଯାଉଛି। କାଗଜପତ୍ରରେ ବହୁ ହଜାର ତାଲିମପ୍ରାପ୍ତ ଯୁବତୀ ଯୁବକଙ୍କ ମଧ୍ୟରୁ ମାତ୍ର ହାତଗଣତି କାରିଗର ସେମାନଙ୍କ ଦକ୍ଷତା ହାସଲ କରୁଛନ୍ତି। ସେମାନଙ୍କ ପାଇଁ ସେଭଳି ଯୋଜନା ନ ଥିବାରୁ ସରକାରଙ୍କ ଯୋଜନା ପ୍ରହସନରେ ପରିଣତ ହେଉଛି।

ସୂଚନାଯୋଗ୍ୟ, ନୂତନ ଜ୍ଞାନ କୌଶଳ ତଥା ପ୍ରଶିକ୍ଷଣ ମାଧ୍ୟମରେ କଂସା ପିତ୍ତଳ ଏବଂ କାଠ ଖୋଦେଇର ବିଭିନ୍ନ ସୌଖୀନ ସାମଗ୍ରୀକୁ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଉତ୍ପାଦନ କରିବା ଲକ୍ଷ୍ୟ ନେଇ କଣ୍ଟିଲୋରେ ଏକ କଂସା ପିତ୍ତଳ ବାସନ ଓ କାଷ୍ଠ ସାମଗ୍ରୀ ଉତ୍ପାଦନ ପ୍ରଶିକ୍ଷଣ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି। ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କେନ୍ଦ୍ର ସରକାରଙ୍କ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମି) ପକ୍ଷରୁ ଅନୁଦାନ ତଥା ପିପିପି ମୋଡ଼ରେ ପ୍ରତିଷ୍ଠିତ ଏହି ପ୍ରକଳ୍ପର କାର୍ଯ୍ୟ ସମ୍ପ୍ରତି ଶେଷ ହୋଇଥିବା ବେଳେ ପ୍ରତିଷ୍ଠାର ପ୍ରାୟ ୫ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହି କ୍ଲଷ୍ଟର ପ୍ରକଳ୍ପରେ କାରିଗରଙ୍କୁ ପର୍ଯ୍ୟାୟକ୍ରମେ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇ ଆତ୍ମନିର୍ଭରଶୀଳ ହେବାର ଲକ୍ଷ୍ୟ ରହିଛି। ପ୍ରତିଷ୍ଠା ହୋଇଥିବା କଂସା ପିତ୍ତଳ ଓ କାଠଶିଳ୍ପ ପ୍ରକଳ୍ପ ଦୀର୍ଘବର୍ଷ ହେଲା କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବାରୁ ଶତାଧିକ କାରିଗର ଆଶା ଆଶଙ୍କା ମଧ୍ୟରେ ଗତି କରୁଥିବା ନେଇ ନିଖିଳ ଉତ୍କଳ କଂସାରି ସମାଜ କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା, କ୍ଲଷ୍ଟର ସଭାପତି ଦଣ୍ଡପାଣି ସାହୁ ଓ ନୟାଗଡ଼ ଜିଲା ଓଡ଼ିଶା ବିକାଶ ପରିଷଦ (ହସ୍ତଶିଳ୍ପ) ଜେନେରାଲ କାଉନ୍‌ସିଲର ପବିତ୍ର କୁମାର ମହାରଣା କ୍ଷୋଭର ସହ ପ୍ରକାଶ କରିଛନ୍ତି।


କାରିଗରମାନେ ଗରାକୁ ମାଠୁଛନ୍ତି।

# କେନାଲ ଜଳ ସଂରକ୍ଷଣ ହେଉନି, ସମୁଦ୍ରକୁ ନିଷ୍କାସିତ

**ପଟ୍ଟାମୁଣ୍ଡାଇ,୨୯।୩ (କଳ୍ପତରୁ ନାୟକ)**

■ ଜଳସମ୍ପଦ ବିଭାଗ ଅବହେଳାରୁ ସଙ୍କଟରେ କୃଷକ

■ ଶୁଖିଲା ପଡ଼ିଛି ଜଳଉତ୍ସ, ଭୂତଳ ଜଳସ୍ତର ହ୍ରାସ



ପଟ୍ଟାମୁଣ୍ଡାଇ ଅଞ୍ଚଳର କୃଷି କାର୍ଯ୍ୟ ୧୮୬୮ ବ୍ରିଟିଶ ଅମଳର ପଟ୍ଟାମୁଣ୍ଡାଇ କେନାଲ ଜଳରେ ହେଉଥିଲା। ଏହାସହ କେନାଲରେ ପଣ୍ୟ ପରିବହନ କରାଯାଉଥିଲା। ବର୍ତ୍ତମାନ ଉକ୍ତ କେନାଲର ରକ୍ଷଣାବେକ୍ଷଣ ଅଭାବ ଓ ସହରୀକରଣ ନାମରେ ନୂତନ ପ୍ରକଳ୍ପ କାର୍ଯ୍ୟ ଯୋଗୁ ସଙ୍କୁଚିତ ହୋଇ ଜଳ ଯୋଗାଣ ବନ୍ଦ ହେଲାଣି। ଜଳ ପରିଚାଳନା ଦାୟିତ୍ୱରେ ଥିବା ଜଳସମ୍ପଦ ବିଭାଗର ସଚିବଙ୍କ ଦୂରଦୃଷ୍ଟି ଅଭାବ, ଅଧିକାରୀ ଏବଂ କର୍ମଚାରୀଙ୍କ ଅବହେଳା ଯୋଗୁ କ୍ଷେତରେ ଜଳସେଚନର ସଙ୍କଟ ଦେଖାଦେଲାଣି। ଅଧିକାଂଶ ପାରମ୍ପରିକ କେନାଲ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେଉନାହିଁ। ଫଳରେ ଚାଷ ଜମିକୁ ଜଳ ପହଞ୍ଚି ନ ପାରିବାରୁ ଆର୍ଦ୍ରତା ହ୍ରାସ ପାଇବା ସହ କୃଷି ସ୍ଥାୟିତ୍ୱ ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ଜଳ ପରିଚାଳନା ବିଭାଗର ଅବହେଳାରୁ କେନାଲ ଜଳ ସଂରକ୍ଷଣ ନ ରହି ସମୁଦ୍ରକୁ ନିଷ୍କାସନ ହେଉଛି। ଅଞ୍ଚଳରେ ଥିବା ନଦୀ, ନାଳ, ନୟନଯୋରି ଜଳର ରକ୍ଷଣାବେକ୍ଷଣ, ଜଳ ସଂରକ୍ଷଣ ଅଭାବରୁ ଭୂଗର୍ଭ ଜଳସ୍ତର ହ୍ରାସ ପାଉଛି। ଜଳାଶୟ ଶୁଖିବା ଭବିଷ୍ୟତରେ ଭୟଙ୍କର ଜଳ ସଙ୍କଟ ଆଶଙ୍କା କରାଯାଉଛି। କୃଷକଙ୍କ ପାଇଁ ସରକାରଙ୍କ ମନମୁଖି ଯୋଜନା ପଛରେ କୌଣସି ଉନ୍ନତ ଚିନ୍ତାଧାରା ରହୁନାହିଁ। ଫଳରେ କେନ୍ଦ୍ରାପଡ଼ା ଜିଲାର ଭାତହାଣ୍ଡି କୁହାଯାଉଥିବା ପଟ୍ଟାମୁଣ୍ଡାଇ ଉତିକଣ ଓ ବୋଇତଆଳୁ ପାଟର ବହୁ ଶହ ହେକ୍ଟର ଚାଷ ଜମି ଏବେ ସଙ୍କଟରେ ପଡିଛି। ଏହାର ସମାଧାନ ପାଇଁ କୃଷକ ଫସଲ ପରିବର୍ତ୍ତନ ଭଳି ପଦକ୍ଷେପ ଗ୍ରହଣ କରୁଥିଲେ ମଧ୍ୟ ତାହା ଫଳପ୍ରଦ ହେଉନାହିଁ। ଯାହାଦ୍ୱାରା ଖାଦ୍ୟ ସୁରକ୍ଷା ଏବଂ କୃଷି ସ୍ଥାୟିତ୍ୱ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଛି ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଏ ନେଇ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାକେଶ ମଲ୍ଲିକଙ୍କୁ ପଚାରିବାରେ ଯନ୍ତ୍ରୀମାନଙ୍କ ଏପରି ଅବହେଳାକୁ ଧ୍ୟାନ ଦେଇ କୃଷକ ଉନ୍ନତି ପାଇଁ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

## ଏମାନେ ଯାହା କୁହନ୍ତି...

### କୃଷି ପ୍ରତି ପ୍ରଶାସନର ନିଘା ନାହିଁ, ପ୍ଲମ୍ବର ସିଟିରେ ଧାନ



ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୩୬ ହଜାର ହେକ୍ଟର ଚାଷ ଜମି ଥିବାବେଳେ ବର୍ତ୍ତମାନ ୧୧ ହଜାର ହେକ୍ଟରରେ ଚାଷ ହେଉଛି। ବାକି ଜଳ ପରିଚାଳନାଗତ ତ୍ରୁଟି ପାଇଁ ବେଣା ଜଙ୍ଗଲ ହୋଇ ପଡିଆ ପଡୁଛି। ସ୍ୱାଧୀନତାର ୪୦ବର୍ଷ ମଧ୍ୟରେ ଜମିକୁ ଜଳସେଚନ ହୋଇ ୩ ଫସଲି ଚାଷ ହେଉଥିଲା। ବିଭିନ୍ନ ପନିପରିବା ସହିତ ତରଭୁଜ ଭଳି ଫସଲ ରାଜସ୍ଥାନ, ହରିୟାଣା, ଗୁଜରାଟ, ପଶ୍ଚିମବଙ୍ଗ ଭଳି ପ୍ରଦେଶକୁ ପଠାଯାଉଥିଲା। ସେତେବେଳେ କେନାଲ ପାଣି ସହିତ ନୟନଯୋରିରେ ଭରପୂର ପାଣି ରହୁଥିଲା। ବର୍ତ୍ତମାନ ଗୋବରୀ ସମ୍ପ୍ରସାରିତ କେନାଲ ସହ ୧୭ ଛୋଟ ଶାଖା କେନାଲ ଓ ୫ ମାଇନର କେନାଲ ଅବସ୍ଥା ଅତ୍ୟନ୍ତ ଦୟନୀୟ। ଫଳରେ ଚାଷୀ ଚାଷକୁ ଛାଡ଼ି ବିଭିନ୍ନ ଦେଶରେ ଅନେକ ପ୍ଲମ୍ବର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ମାତ୍ର ପ୍ରଶାସନ କୃଷି ପ୍ରତି ଧ୍ୟାନ ନ ଦେଇ ପ୍ଲମ୍ବର ସିଟି କରାଇବାକୁ ପଛାଇଲେ ନାହିଁ।

- ବିଦ୍ୟୁଭୂଷଣ ମହାପାତ୍ର, ଆଇନଜୀବୀ

### କୃଷି ସ୍ଥାୟିତ୍ୱ ପାଇଁ ବଡ଼ ବିପଦ



ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗ ଅଳଭା ୧ ଓ ୨, ଗୋଗୁଆ ଅଧୀନରେ ଏକାଧିକ କେନାଲ ଅଛି। ମାତ୍ର କାର୍ଯ୍ୟରତ ଯନ୍ତ୍ରୀ ଜଳ ପରିଚାଳନା ଓ ସଂରକ୍ଷଣ ଉପରେ ଧ୍ୟାନ ନ ଦେଇ ପରିବହନ ପଥ, ପଥର ପ୍ୟାକିଂ ଉପରେ ଗୁରୁତ୍ୱ ଦେଉଛନ୍ତି। ଯାହାକୁ ନେଇ କେନାଲ ସଙ୍କୁଚିତ ହେବା ସହ ଜବରଦଖଲ ବଢୁଛି। ଫଳରେ ଆର୍ବଜନା ପଡି କେନାଲ ଜଳ କ୍ଷେତକୁ ପହଞ୍ଚି ପାରୁନାହିଁ। ଚାଷୀଙ୍କ କ୍ଷେତକୁ ପାଣି ପହଞ୍ଚାଇବା ନେଇ ଯେଉଁ ଯୋଜନା ପ୍ରସ୍ତୁତ କରାଯାଉଛି ତାହା ବାଟବଣା ହେଉଛି।

-ଗୟାଧର ଧଳ, କୃଷକନେତା

### ଅଳଭା-ଗଣ୍ଡାକିଆ ଲକ୍ ଦେଇ ପଣ୍ୟ ପରିବହନ ହେଉଥିଲା



ଅଳଭା-ଗଣ୍ଡାକିଆ ଲକ୍ ଦେଇ ପଣ୍ୟ ପରିବହନ ହେଉଥିଲା। ସେଠାରେ ମାହାସୁଲ ବାବଦ ଟିକସ ଆଦାୟ ହେଉଥିଲା। ଜଳସେଚନ ପାଇଁ ଚାଷୀଙ୍କଠାରୁ ଜଳକର ମଧ୍ୟ ଆଦାୟ ହେଉଛି। ନବେ ଦଶକରୁ ସଡ଼କ ଯୋଗାଯୋଗ ପଥ ଉନ୍ନତ ହେଲା। ନୌବାଣିଜ୍ୟ ପାଇଁ କେନାଲ ଉପଯୋଗୀ ହେଲାନାହିଁ। ଅଳଭା-ଗଣ୍ଡାକିଆ ଲକ୍ ନଷ୍ଟ ହେଲା। ଗୋବରୀ କେନାଲର କଳିଙ୍ଗା ଦେଇ ଜଳ ଅପଚୟ ହୋଇ ଶୁଖିଲା ପଡିଲା। ରକ୍ଷଣାବେକ୍ଷଣ ଅଭାବରୁ ଜଳ ଉତ୍ସ ନଷ୍ଟ ହୋଇ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଏହାଦ୍ୱାରା ଚାଷ କାର୍ଯ୍ୟ ପାଇଁ ଜଳସେଚନରେ ସମସ୍ୟା, ପାନୀୟ ଜଳ ପ୍ରକଳ୍ପଗୁଡିକ ଉପରେ ଚାପ ପଡୁଛି।

-ରଣଧୀର ଜେନା, ସାମାଜିକ କର୍ମୀ

### ଓଡ଼ିଶାକୁ ଆହାର ଯୋଗାଉଥିବା ଚାଷୀ ହତାଶ



ଚାଷ ଜମିକୁ ୧୨ ମାସ ପାଣି ଯୋଗାଣ ପାଇଁ ୨୦୧୬ରେ ଏସିଆନ ଡେଭଲପ୍‌ମେଣ୍ଟ ବ୍ୟାଙ୍କ(ଏଡିବି) ଜରିଆରେ ୩୬୦ କୋଟି ଟଙ୍କା ଖର୍ଚ୍ଚରେ କେନାଲ ସଙ୍କୁଚିତ କରାଯାଇଥିଲା। ସେବେଠାରୁ କେନାଲ ପାଣି ଦେବାରେ ତାରତମ୍ୟ ଉପୁଜିଲା। ଯେଉଁ ଗୋଟିଏ ଫସଲ ପାଇଁ ଜଳ ଛଡାଗଲା ତାହା କ୍ଷେତକୁ ପହଞ୍ଚୁନାହିଁ ଫଳରେ କୃଷିକାର୍ଯ୍ୟ ବାଧା ଉପୁଜିଲା। ଦିନେ କେନ୍ଦ୍ରାପଡ଼ା ସହ ଓଡ଼ିଶାର ଲୋକଙ୍କୁ ଆହାର ଯୋଗାଇବାର ମାଧ୍ୟମ ପାଲଟିଥିବା ଅଞ୍ଚଳ କେନାଲ ଅସ୍ତିତ୍ୱ ହରାଇବାରୁ ପଟ୍ଟାମୁଣ୍ଡାଇ ଅଞ୍ଚଳ ଲୋକେ ଚାଷ ଛାଡି ଆହାର ପାଇଁ ଦାଦନ ଖଟି ଯାଉଛନ୍ତି।

- ଅବନ୍ତୀ ବେହେରା, ନାରୀ ନେତ୍ରୀ

# ଅଗ୍ନିକାଣ୍ଡରେ ୭ ଦୋକାନ ଜଳିଗଲା



ଅଗ୍ନିକାଣ୍ଡରେ ଜଳିଯାଇଥିବା ଦୋକାନ।

**ବ୍ରହ୍ମବରଦା,୨୯।୩ (ଯଯାତି କେଶରୀ ବେହେରା):**

ରସୁଲପୁର ବ୍ଲକ୍ ବ୍ରହ୍ମବରଦା ଥାନା ଅନ୍ତର୍ଗତ ବ୍ରହ୍ମବରଦା ତାରିଣୀ ଛକଠାରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଏଠାରେ ଥିବା ୭ ଦୋକାନ ଜଳି ପାଉଁଶ ହୋଇଯାଇଛି। ରାତି ପ୍ରାୟ ୩ଟାରେ କୌଣସି କାରଣବଶତଃ ହେମନ୍ତ ବେହେରାଙ୍କ ଲସି ଦୋକାନ, ମାଧବ ବେହେରାଙ୍କ ମିଠା ଓ ଜଳଖିଆ ଦୋକାନ, ରମେଶ ଚନ୍ଦ୍ର ବାରିକଙ୍କ ଚା' ଦୋକାନ, ସେକ୍ ସଫିଉର ରେହେମାନଙ୍କ ଚପଲ ଦୋକାନ, ଇନ୍ତିୟାଜ ଆଲାମଙ୍କ ଗଦି ଦୋକାନ, ପ୍ରତାପ ବେହେରାଙ୍କ ଭେରାଇଟି ଷ୍ଟୋର ଏବଂ ଏକ ସାଇକେଲ ରିପ୍ୟାରିଙ୍ଗ ଦୋକାନରେ ନିଆଁ ଲାଗିଥିଲା। ଲସି ଦୋକାନରେ କର୍ମଚାରୀ ଶୋଇଥିଲେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଖବର ପାଇ ବରୁଆଁ ଓ ରସୁଲପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇଯାଇଥିଲା। ରବିବାର ସକାଳେ ବ୍ରହ୍ମବରଦା ସର୍କଲ ରାଜସ୍ୱ ନିରୀକ୍ଷକ ଚିନ୍ମୟୀ ଦାସ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ଅଗ୍ନି ବିପନ୍ନଙ୍କୁ ଜରିପାଲ ପ୍ରଦାନ କରିଥିଲେ। ଅଗ୍ନିଶମ କେନ୍ଦ୍ର ଦୂର ହେଉଥିବାରୁ ଏଠାରେ ଠିକ ସମୟରେ ଅଗ୍ନିଶମ ବାହିନୀ ପହଞ୍ଚିପାରୁନାହାନ୍ତି। ଫଳରେ ଜନସାଧାରଣଙ୍କ ଧନହାନି ହେଉଛି। ତେଣୁ ବ୍ରହ୍ମବରଦା ଏକ ବ୍ୟବସାୟୀକ ପେଣ୍ଠସ୍ଥଳ ହୋଇଥିବାରୁ ଏଠାରେ ଏକ ଅଗ୍ନିଶମ କେନ୍ଦ୍ର ସ୍ଥାପନ ନିମନ୍ତେ ଜନସାଧାରଣ ଦାବି କରିଛନ୍ତି। ବ୍ରହ୍ମବରଦାଠାରୁ ବରୁଆଁ ଅଗ୍ନିଶମ କେନ୍ଦ୍ରର ଦୂରତା ୧୦କିମି ହୋଇଥିବାବେଳେ ରସୁଲପୁର ଅଗ୍ନିଶମ କେନ୍ଦ୍ର ୧୮କିମି ଦୂର ହେଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ନାଟକ ଆଜି ପେସା ବଦଳରେ ନିଶା ହୋଇଯାଇଛି

**ପାରାଦୀପ,୨୯।୩(ଶରତ ରାଉତ)**

## କାନମାସ୍ ତରଫରୁ ବିଶ୍ୱ ନାଟ୍ୟ ଦିବସ ଆୟୋଜିତ

ବିଶ୍ୱ ନାଟ୍ୟ ଦିବସ ଅବସରରେ ପାରାଦୀପର ଅଗ୍ରଣୀ ଅନୁଷ୍ଠାନ କାନମାସ ପରିସରରେ ରବିବାର ସନ୍ଧ୍ୟାରେ ଏକ ସଭା ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବନ୍ଦର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଭୂତି ଭୂଷଣ ଦାସ ଓ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ଡାକ୍ତର ଦାସଙ୍କୁ ଜଣେ ଉତ୍କୃଷ୍ଟ କଳାକାର ଭାବରେ କାନମାସ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାନମାସର ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଦସ୍ୟ ସୁକାନ୍ତି ମିର୍ଦ୍ଧା ବିଶ୍ୱ ନାଟ୍ୟ ଦିବସ ଅବସରରେ ବିଶ୍ୱର ଅନ୍ୟତମ ନାଟ୍ୟକାର ତଥା କଳାକାର ଉଇଲିୟମ ଡାଫ୍‌ଙ୍କ ବାର୍ତ୍ତାକୁ ପଢ଼ିଥିଲେ। କାନମାସରେ ଶିକ୍ଷା ଗ୍ରହଣ କରିଥିବା କିଛି ଶିଶୁ କଳାକାରମାନେ ସେମାନଙ୍କର କଳାକୁ ପ୍ରଦର୍ଶନ କରିଥିଲେ ଓ ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଦିଲ୍ଲୀଠାରେ ସମାପ୍ତ ହୋଇଥିବା ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଭାରତ ରଙ୍ଗ ମହୋତ୍ସବରେ ଭାଗ ନେଇଥିବା କାନମାସର କଳାକାରମାନଙ୍କର ପ୍ରମାଣପତ୍ରକୁ ଅତିଥିମାନେ ସେମାନଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ନାଟକ ବଞ୍ଚି ଛି ଯାହାକି ଆଜି ପେସା ବଦଳରେ ନିଶା ହୋଇଯାଇଛି। ଆଉ ଏହି ନିଶା ଆଗାମୀ ପିଢ଼ିକୁ ଏକ ଭିନ୍ନ ରାସ୍ତା ଦେଖାଇବ। ଶେଷରେ କାନମାସର ଅନ୍ୟତମ ସଦସ୍ୟା ନୀଳିମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ବିଶ୍ୱନାଟ ଦିବସ ଅବସରରେ ଜଣେ କଳାକାରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦେବାଶିଷ



@ ସ୍ୱରୂପ



@ ଚନ୍ଦନ



@ ଦିପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ରେ ଓମ୍‌ପ୍ରକାଶଙ୍କୁ ପ୍ରଶଂସା

## ଏଚ୍‌ଏନ୍‌ଏସ୍ କଲେଜ, ଗାଁରେ ଆନନ୍ଦର ଲହରୀ

**ଡେରାବିଶ,୨୯।୩ (ବେବର୍ତ୍ତା ଅଜୟ ଦାସ)**



କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ଏଚ୍‌ଏନ୍‌ଏସ୍ କଲେଜ ଛାତ୍ର ଓମ୍‌ପ୍ରକାଶ ରଥଙ୍କୁ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ କୀ ବାତ୍‌ରେ ତାଙ୍କ ମହିଳା ବିକାଶ ଉପରେ ଥିବା ଚିନ୍ତାଧାରାର ଭୂୟସୀ ପ୍ରଶଂସା କରିଛନ୍ତି। ଏହି ଖବର ଜଣାପଡ଼ିବା ପରେ ଜିଲାର ବିଭିନ୍ନ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି। ଏପରିକି ନିଜ ମହାବିଦ୍ୟାଳୟରେ ଅଧ୍ୟକ୍ଷ, ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ମହଲରେ ଉତ୍ସାହ ପ୍ରକାଶ ପାଇଛି। ଓମ୍‌ପ୍ରକାଶ ଏହି ମହାବିଦ୍ୟାଳୟର ଯୁକ୍ତ ୩ କଳାର ପ୍ରଥମ ବର୍ଷ ଛାତ୍ର। ପ୍ରତିକ୍ରିୟା ରଖି ସେ କହିଛନ୍ତି, ବିଭିନ୍ନ ପ୍ରତିଯୋଗିତାରେ ଭାଗ ନିଅନ୍ତି। ତେବେ ମାଇଁ ଭାରତ ଆପ୍ ମାଧ୍ୟମରେ ସେ ଅନ୍‌ଲାଇନ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମହିଳା ବିକାଶ ଉପରେ ପ୍ରବନ୍ଧ ପ୍ରତିଯୋଗିତା ରହିଥିଲା। ସେ ଦେଇଥିବା ଲେଖାଟି ସର୍ବୋତ୍କୃଷ୍ଟ ହେବା ପରେ ତାଙ୍କ ନିକଟକୁ ମାଇଁ ଭାରତ ପକ୍ଷରୁ ଫୋନ୍‌ରେ ସଫଳତା ପାଇଁ ଶୁଭେଚ୍ଛା ଜଣାଯାଇଥିଲା। କେବେ ଆଶା କରି ନ ଥିଲି ପ୍ରଧାନମନ୍ତ୍ରୀ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇବେ। ଅପରପକ୍ଷରେ ଗୁଗୁଲ୍‌ରେ ସମଗ୍ର ଦେଶର ମହିଳାଙ୍କ ବିକାଶ କାହିଁକି ହୋଇପାରୁନି ଦେଖୁଥିବା ବେଳେ ୧୮ରୁ ୨୫ ବର୍ଷର ଯୁବତୀ ଅଧିକ ସଂଖ୍ୟାରେ ବିଭିନ୍ନ କ୍ଷେତ୍ରରେ ହାରାସ୍‌ମେଣ୍ଟ ହେଉଥିବା ବେଳେ ୩୦ରୁ ୪୫ ବର୍ଷର କମ୍ ସଂଖ୍ୟକ ମହିଳା ନିର୍ଯାତନାର ଶିକାର ହେଉଥିବା ଦେଖି ତାଙ୍କୁ ବହୁତ ବ୍ୟଥିତ କରିଥିଲା। ଏହାର ନିରାକରଣ ପାଇଁ ତୃଣମୂଳସ୍ତରରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରୀମାନଙ୍କୁ ଅଧିକ ଆତ୍ମସୁରକ୍ଷା ପ୍ରଶିକ୍ଷଣ ସହ ତାଙ୍କୁ ଶିକ୍ଷଣୀୟ ପୁସ୍ତକ ଯୋଗାଇ ଦିଆଗଲେ ମହିଳାଙ୍କ ବିକାଶ ନିଶ୍ଚୟ ହୋଇପାରିବ। ତେବେ ସେ ବର୍ତ୍ତମାନ ଛାତ୍ର ଥିବାରୁ ଉଚ୍ଚତର ଶିକ୍ଷା ପାଇଁ ଅଧିକ ସମୟ ଦେଉଥିବା ବେଳେ ଭବିଷ୍ୟତରେ ମହିଳାମାନଙ୍କ ବିକାଶ ପାଇଁ ଓ ସମାଜରେ ସଂସ୍କାରମୂଳକ ସେବା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ଓମ୍‌ପ୍ରକାଶ କହିଛନ୍ତି। ତାଙ୍କ ବାପା ଅଜୟ ଶିକ୍ଷକତା କରୁଥିବା ବେଳେ ମା' ନିରୁପମା ପଣ୍ଡା ଅଙ୍ଗନୱାଡି କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି। ପୁଅର ସଫଳତା ପାଇଁ ସେ ବହୁତ ଖୁସିଥିବା ବେଳେ ଏହି ସଫଳତା ପାଇଁ କଲେଜ ପ୍ରାଧ୍ୟାପକ ଅକ୍ଷୟ ବଳ, ଅଧ୍ୟାପକ ପ୍ରଦୀପ ରାଉତ, ଅଧ୍ୟାପିକା ମୀନାକ୍ଷୀ ପ୍ରଧାନ, ମାନସ ରଞ୍ଜନ ଦାଶ, ଦିବ୍ୟ କୁମାର ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଥାନା ହାଜତରୁ ଅଭିଯୁକ୍ତ ଫେରାର ହେବା ଘଟଣା

## ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଅଟକ

**ବ୍ରହ୍ମବରଦା,୨୯।୩(ଯଯାତି କେଶରୀ ବେହେରା):**

ବ୍ରହ୍ମବରଦା ଥାନା ହାଜତରୁ ଅଭିଯୁକ୍ତ ଫେରାର ହୋଇଯାଇଥିବା ଘଟଣାରେ ରବିବାର ପୋଲିସ ମୁଖ୍ୟ ଅଭିଯୁକ୍ତ ଆଶିଷ ବେହେରାଙ୍କ ସହିତ ଅନ୍ୟ ଦୁଇ ଜଣଙ୍କୁ କବୁ କରିବା ପରେ ଅଟକ ରଖି ପଚରା ଉଚରା ଚଳାଇଛି। ୨୦୨୫ ନଭେମ୍ବରରେ କୁଣ୍ଡପାଟଣା ମେଡିକାଲରୁ ଏକ ଚୋରି ମାମଲାରେ ଗତ ଶୁକ୍ରବାର ରାତିରେ ବ୍ରହ୍ମବରଦା ପୋଲିସ ଜଣେ ସନ୍ଦିଗ୍ଧଙ୍କୁ ଉଠାଇ ଆଣି ଥାନା ହାଜତରେ ରଖିଥିଲା। ହେଲେ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀଙ୍କ ଅବହେଳା ଯୋଗୁ ବିଳମ୍ବିତ ରାତିରେ ଅଭିଯୁକ୍ତ ଜଣକ ଥାନାରୁ ମୋବାଇଲ, ଟାବଲେଟ ସହିତ ବ୍ରହ୍ମବରଦା ବରଦାସାହି ଗ୍ରାମରୁ ଏକ ବାଇକ୍ ଲୁଟ କରି ଫେରାର ହୋଇଯାଇଥିଲେ। ଘଟଣା ପ୍ରଚାରିତ ହେବାପରେ ଯାଜପୁର ଏସ୍‌ପି ଦାୟିତ୍ୱରେ ଥିବା ଜଣେ ଏଏସ୍‌ଆଇଙ୍କ ସମେତ ଦୁଇ କନଷ୍ଟେବଲଙ୍କୁ ଶନିବାର ନିଲମ୍ବିତ କରିଥିଲେ। ଏହାପରେ ବ୍ରହ୍ମବରଦା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତଙ୍କୁ ତାଙ୍କ ଗ୍ରାମ ନିକଟ ଏକ କାଜୁବଗିଚାରୁ ଉଠାଇ ଆଣିଥିଲା। ଏହାପରେ ତାଙ୍କୁ ସହଯୋଗ କରୁଥିବା ଅନ୍ୟ ଦୁଇ ଜଣଙ୍କୁ ପୋଲିସ କାବୁ କରିଥିଲା। ଘଟଣାକୁ ନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଚାଲିଛି। ଅଟକ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

# 'କ୍ଷତି ପୂରଣ ନମିଳିଲେ ଜେଏସ୍‌ଡବ୍ଲ୍ୟୁକୁ ବିଦ୍ୟୁତ୍ ସଂଯୋଗ କରାଇଦେବୁନି'

## ଶିଳ୍ପ କ୍ଷତିଗ୍ରସ୍ତ ଏକତା ମଞ୍ଚର ପ୍ରତିବାଦ ସଭା

**କୁଜଙ୍ଗ,୨୯।୩(ମନୋଜ ପ୍ରଧାନ )**



ପ୍ରତିବାଦ ସଭାରେ ସାମିଲ ହୋଇଥିବା ଗ୍ରାମବାସୀ।

ଜଙ୍ଗଲ ଜମିର କ୍ଷତିପୂରଣ ଓ ରାଶନକାର୍ଡଧାରୀଙ୍କୁ ୮୮ ହଜାର ଟଙ୍କା ଲେଖାଏଁ ପ୍ରଦାନ କରା ନଗଲେ ତ୍ରିଲୋଚନପୁର ବିଦ୍ୟୁତ୍ ଷ୍ଟ୍ରକ୍‌ଚରରୁ ଜେଏସ୍‌ଡବ୍ଲ୍ୟୁକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ନାହିଁ ବୋଲି ରବିବାର ଶିଳ୍ପ କ୍ଷତିଗ୍ରସ୍ତ ଏକତା ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ତ୍ରିଲୋଚନପୁର ଗାଁ ଶିବ ମନ୍ଦିର ପାଖରୁ ଏକ ବିରାଟ ରାଲିରେ ଶିଳ୍ପ କ୍ଷତିଗ୍ରସ୍ତ ଏକତା ମଞ୍ଚ, ତ୍ରିଲୋଚନପୁରର ଶତାଧିକ ଗ୍ରାମବାସୀ ଗାଁ ଦଣ୍ଡାରେ ଏକତ୍ରିତ ହୋଇଥିଲେ। ତ୍ରିଲୋଚନପୁର ବିଦ୍ୟୁତ୍ ଷ୍ଟ୍ରକ୍‌ଚରରୁ ଜେଏସ୍‌ଡବ୍ଲ୍ୟୁକୁ ବିଦ୍ୟୁତ୍ ଦିଆଯିବ ନାହିଁ ବୋଲି ନାରାବାଜି ଦେଇଥିଲେ। ପ୍ରାକ୍ତନ ଶିକ୍ଷକ ସୁଧୀର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ୧୦ ଦଫା ଦାବି ଉପରେ ଆଲୋଚନା କରାଯାଇଥିଲା।

ଏହି ଅବସରରେ ଗ୍ରାମବାସୀ ଅଭିଯୋଗ କରିଥିଲେ ଯେ, ଢିଙ୍କିଆ ପଞ୍ଚାୟତରେ ୨୩ ୱାର୍ଡ ରହିଛି। ସେଥିରୁ ତ୍ରିଲୋଚନପୁର ରାଜସ୍ୱ ଗ୍ରାମରେ ୭ଟି ୱାର୍ଡ ରହିଛି। ନିର୍ମାଣାଧୀନ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିର୍ମାଣ ପୂର୍ବରୁ ଢିଙ୍କିଆ ପଞ୍ଚାୟତର ୧୬ଟି ୱାର୍ଡକୁ ଜଙ୍ଗଲ ଜମିର କ୍ଷତିପୂରଣ ଓ ପ୍ରତ୍ୟେକ ରାଶନକାର୍ଡଧାରୀ ପରିବାରକୁ ୮୮ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବାବେଳେ ତ୍ରିଲୋଚନପୁର ଗ୍ରାମର ୭ଟି ୱାର୍ଡ ବଞ୍ଚିତ ଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ବହୁବାର ବିଧାୟକ, ମନ୍ତ୍ରୀ, ଜିଲାପାଳ ଓ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କ୍ଷତିପୂରଣ ରାଶି ପାଇବାରୁ ଶତାଧିକ ଗ୍ରାମବାସୀ ବଞ୍ଚିତ ହୋଇଛନ୍ତି। ଏହି ଗାଁର ଚାରିପାଖରେ ଶିଳ୍ପ ନଗରୀ ଗଢ଼ିଉଠିଥିବା ବେଳେ ଦୀର୍ଘ ଏକ ଦଶନ୍ଧି ଧରି ପାନୀୟ ଜଳ ସଙ୍କଟରେ ତ୍ରିଲୋଚନପୁର ଓ ମାହାଳ ଗ୍ରାମବାସୀ ଆଉଟୁପାଉଟୁ ହେଉଛନ୍ତି। ପାଣି ଟୋପାଏ ପାଇଁ ଟ୍ୟାଙ୍କର ପାଣିକୁ ଅପେକ୍ଷା କରିବାକୁ ପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରି କହିଛନ୍ତି।

ଶିଳ୍ପାନୁଷ୍ଠାନ ଦ୍ୱାରା ବାୟୁ ପ୍ରଦୂଷଣରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଚାରାରୋପଣ ହେଉନାହିଁ। ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ବହୁତ ଦୂରରେ ତ୍ରିଲୋଚନପୁର ଗାଁ ରହିଛି। ବିଗତ ଦିନରେ ତ୍ରିଲୋଚନପୁର ଗ୍ରାମବାସୀ ଶିଳ୍ପକୁ ସହଯୋଗ କରିଥିବା ବେଳେ ଏବେ ଅଣଦେଖାର ଶିକାର ହୋଇଛନ୍ତି। ତ୍ରିଲୋଚନପୁର ବିଦ୍ୟୁତ୍ ଷ୍ଟ୍ରକ୍‌ଚରରୁ ଜୋରଜବରଦସ୍ତ କମ୍ପାନୀ ଚାଷଜମିରେ ବିଦ୍ୟୁତ୍ ଖୁଣ୍ଟ ପକାଇ ନେଉଥିବାକୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଯଦି ଆଗାମୀ ଦିନରେ ଜେଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ଜବରଦସ୍ତି ବିଦ୍ୟୁତ୍ ନେବାକୁ ପ୍ରୟାସ କରନ୍ତି, ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ପ୍ରତିବାଦ ସଭାରେ ତ୍ରିଲୋଚନପୁର ଗ୍ରାମ ସାତପଡାର ଧନଞ୍ଜୟ ବେହେରା, ବାବୁଲାଲ ମହାପାତ୍ର, କୈଳାସ ବେହେରା, ସୁରେନ୍ଦ୍ର ରାଉତ, ଅରକ୍ଷିତ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

# ଭକ୍ତି, ନିଷ୍ଠାର ପର୍ବ ଦଣ୍ଡଯାତ୍ରା

## ଶରୀରକୁ କଷ୍ଟଦେଲେ ମିଳେ ପ୍ରଭୁକୃପା

ଓଡ଼ିଆ ଲୋକନାଟ୍ୟ ପରମ୍ପରା ଦଣ୍ଡଯାତ୍ରାର ସଂସ୍କୃତି ଅତି ପ୍ରାଚୀନ। ପୁଣି ରୀତିନୀତି ନିଆରା। ପୀଠର ଅନୁକୂଳ ଓ ଅନ୍ତିମ ପର୍ବ ଏକାପରି ହୋଇଥିବାବେଳେ ଆର୍ଥିକ ସମ୍ବଳ ଅନୁସାରେ କେଉଁଠି ୨୧ ଦିନ ତ ଅନ୍ୟ କେଉଁଠି ୫ରୁ ୧୯ ଦିନ ପର୍ଯ୍ୟନ୍ତ ଏହା ପାଳିତ ହୋଇଥାଏ। ମାନସିକ ପୂରଣ କରିବାର ସଂକଳ୍ପକୁ ନେଇ ଚଇତାଳି ଖରାକୁ ଖାତିର ନ କରି ମନ ଭିତରେ ରହିଥିବା ଭକ୍ତି ଓ ଭାବନାକୁ ଉଜ୍ଜୀବିତ କରାଇଥାନ୍ତି ଦଣ୍ଡୁଆମାନେ। ତାହା ପୁଣି ନିଶାର୍ଦ୍ଧରେ କିଛିଟା ଖାଇ ନିଜର ଭକ୍ତିଭାବର ଅନୁରୂପ ପରିଚୟ ଦିଅନ୍ତି।



ନୟାଗଡ଼ ସଠିଆପାଳିରେ ଦଣ୍ଡପର୍ବରେ ଭଗତାମାନେ।

**ନୟାଗଡ଼,୨୯।୩ (ଲୋକନାଥ ମିଶ୍ର)**

କାଷ୍ଠା ଉପବାସ ରହି ଅଗ୍ନିଦଣ୍ଡ ଧରି ଦିନତମାମ ରୌଦ୍ର ତାପରେ ଅବିଶ୍ରାନ୍ତ ଯାତ୍ରା ହେଉଛି ଦଣ୍ଡଯାତ୍ରା। ଏହାର ଠାକୁର କାମନାବର ବା ବାନାମ୍ବର। ଉପାସନାକାରୀ ଦଣ୍ଡୁଆ (ଭଗତା) ରୂପେ ପରିଚିତ। ଏହି ପର୍ବ ନୟାଗଡ଼ ଜିଲାର ଗଣିଆ, ନୟାଗଡ଼, ଦଶପଲ୍ଲା, ଭାପୁର, ଖଣ୍ଡପଡ଼ା, ନୂଆଗାଁ, ରଣପୁର, ଓଡ଼ଗାଁ ଆଦି ୮ ବ୍ଲକ ସମେତ ୫ ସହରାଞ୍ଚଳରେ ମୀନ ସଂକ୍ରାନ୍ତିରୁ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ପରମ୍ପରା ମୁତାବକ ପାଳିତ ହୋଇଆସୁଛି। ଦଣ୍ଡଯାତ୍ରା ମାଧ୍ୟମରେ ହରପାର୍ବତୀଙ୍କ ମହିମା କାହିଁକେଉଁକାଳରୁ ପ୍ରଚାର ଓ ପ୍ରସାର ହୋଇଆସୁଛି। ଦଣ୍ଡପୂଜା ପାଇଁ ପୀଠାଧୀଶ ମହାଦେବଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତି, ନିଶାର୍ଦ୍ଧରେ ଚୋରାପାଣି ତୋଳା ପ୍ରଭୃତି ବିଭିନ୍ନ କଟକଣା ସହକାରେ ଦେବନୀତି ପାଳନ କରାଯାଏ। ପାଣିତୋଳାଠାରୁ ଗୃହତ୍ୟାଗୀ ଦଣ୍ଡୁଆମାନେ କାମନା ଘରେ ରୁହନ୍ତି। ଅମୃତ ଜଢୁ ଭିତରେ କାମନାବର, ବାନାମ୍ବରଙ୍କ ଦଣ୍ଡବେତକୁ ସ୍ଥାପନ କରି ପାଟ ଭଗତା ଠାକୁରଙ୍କୁ ଧରିଥାନ୍ତି। ଭକତାମାନେ କାମନାବରଙ୍କୁ ନବବସ୍ତ୍ର ପରିଧାନ କରାଇ ମସ୍ତକରେ କାଠଚମ୍ପା, ଅରଖ ଫୁଲରେ ଟାହିଆ ଖଞ୍ଜିଥାନ୍ତି। ୨ଜଣ ଦଣ୍ଡୁଆ ମାଟିଦଣ୍ଡ ମଶାଲରେ ଝୁଣାଧୂପ ପକାଇ ନାଟୁଆଙ୍କ ପରି ନାଚିନାଚି ଯାଉଥାନ୍ତି। ଆଉ ଜଣେ ଦଣ୍ଡୁଆ ହାଣ୍ଡିରେ ଝୁଣାଗୁଣ୍ଡ ଧରି ସାଥିରେ ଯାଉଥାନ୍ତି। ଢୋଲ, ତାସ, ଝାଞ୍ଜ ଶବ୍ଦର ଏକ ଆଧ୍ୟାତ୍ମିକ ପରିବେଶରେ ଭଗତାମାନେ ଗ୍ରାମର ମଙ୍ଗଳ ପାଇଁ ହକ୍ ଦେଇଥାନ୍ତି। ହୋ ତେର ଭକତେ ଭକ୍ତର ମନସ୍କାମନା ପୂରଣ କରହେ, ବ୍ୟାଧିମୁକ୍ତ ରଖ ହେ, ଶରୀର ଆରୋଗ୍ୟ ରଖହେ କହି ଗ୍ରାମ୍ୟ ପରିକ୍ରମା କରି ଠାକୁରଙ୍କ ପ୍ରସାଦ ଧୂପ ସମସ୍ତଙ୍କୁ ପ୍ରଦାନ କରିଥାନ୍ତି। ଏହି ଯାତ୍ରା ନିର୍ଦ୍ଦିଷ୍ଟ ଗ୍ରାମ ମଧ୍ୟରେ ସୀମାବଦ୍ଧ ନୁହେଁ। ଗୋଟିଏ ଗ୍ରାମର ଠାକୁରଙ୍କୁ ଆଉ ଏକ ଗାଁକୁ ବରଣ କରିନିଆଯାଏ। ମଧ୍ୟାହ୍ନର ଧୁଧୁ ଖରାରେ ଗାଁ ଭିତରେ ଠାକୁର ଦଣ୍ଡ ଖେଳନ୍ତି। ଠାକୁର ଚାଷୀର ନୂଆବର୍ଷ ପାଇଁ ଧାନବୁଣା ଆରମ୍ଭ କରନ୍ତି। ଗାଁ ଦାଣ୍ଡର ତାତିଲା ବାଲିରେ ଦଣ୍ଡ ଭଗତାମାନେ କୃଷିକର୍ମ କରିଥାନ୍ତି। ମଣିଷକୁ ଲଙ୍ଗଳ, ଦଉଡ଼ି, ଯୁଆଳି, ବଳଦ, ମଇ, ଲଙ୍ଗଳ କରାଇ ଚାଷ, ବେଉଷଣ, ମଇଦିଆ, କମଣ, ବଛା, ଖେଲୁଆ ସାରି କ୍ଷେତ କାଟି ଫସଲ ଅମଳ କରିଥାନ୍ତି। ଢୋଲମାଡ଼ର ତାଳେତାଳେ ଦଣ୍ଡୁଆମାନଙ୍କର ହଲୁଆ ଗୀତ ବେଶ୍ ସୁଖକର ହୋଇଥାଏ। ଏହି ଧୂଳିଦଣ୍ଡ ଖେଳ ସହର ଓ ଗ୍ରାମଗୁଡ଼ିକରେ ଭକ୍ତିଭାବର ମନୋଜ୍ଞ ପରିବେଶ ସୃଷ୍ଟି କରେ। ସୂର୍ଯ୍ୟାସ୍ତ ସମୟରେ କାମନାବର ଦଣ୍ଡ ଭଗତାଙ୍କ ଗହଣରେ ସ୍ନାନ କରନ୍ତି। ସନ୍ଧ୍ୟାରେ ଗ୍ରାମ୍ୟ ପରିକ୍ରମା ସମୟରେ ଝୁଣାଧୂପ ମାଡ଼ରେ ଦଣ୍ଡ ମଶାଲ ଅଗ୍ନି ଆକାଶକୁ ବ୍ୟାପିଯାଏ। ଠାକୁର ଭୋଗ ସାରିବା ପରେ ଭଗତାମାନେ ଦୂର ନିଛାଟିଆ ମନ୍ଦିରରେ ଦିନକୁ ଥରେ ଧୂଆମୁଗ, ନଡ଼ିଆ, କଦଳୀ, ଆମ୍ବ ନାନାଦି ଫଳରସର ପଣା ସାରନ୍ତି। ରାତିରେ କାମନାବରଙ୍କ ଚଢ଼େୟା ଚଢ଼େୟାଣୀ ସୁଆଙ୍ଗ ପରିବେଷଣ କରାଯାଏ। ରାତିସାରା ଉଜାଗର ରହି ମଝିରେ ମଝିରେ ଭଗତାମାନେ ହକ୍ ଦିଅନ୍ତି। ମଞ୍ଚରେ କାଳୀ ଆବିର୍ଭାବ ହୋଇ ମଞ୍ଚସିଦ୍ଧ କରନ୍ତି। ପରେ ହରଗୌରୀଙ୍କ ସଂସାର ଭ୍ରମଣ ଅଭିନୟ ହୋଇଥାଏ। ନାଟକର ମୁଖ୍ୟ ଉଦ୍ଦେଶ୍ୟ ଚଢ଼େୟାର ଔଦ୍ଧତ୍ୟ ଭଙ୍ଗ ଓ ହରଗୌରୀଙ୍କ ମହିମା ପ୍ରଚାର କରିଥାଏ।

### ହାନ୍ଦୋଳା ଖେଳ, ନିଆଁଗାଡ଼ ମୁଖ୍ୟ ଆକର୍ଷଣ

ମେରୁ ଉପବାସ ପର୍ବର ପ୍ରଧାନ ଉପବାସ। ପ୍ରବାସକୁ ଯାତ୍ରା କରିଥିବା ଠାକୁର ଏହିଦିନ ପୂର୍ବରୁ କାମନା ଘରକୁ ଫେରିଥାନ୍ତି। ଗାଁରେ ସେହିଦିନ ଶଙ୍ଖୁଡି ପଡ଼େ ନାହିଁ। ହାନ୍ଦୋଳା ଖେଳ, ନିଆଁଗାଡ଼ ଚାଲିବା ପାଇଁ ହୋମଯଜ୍ଞ କରାଯାଏ। ଦଣ୍ଡଠାକୁରଙ୍କ ରହଣି ସ୍ଥାନ କାମନା ଘର ସମ୍ମୁଖରେ ଦୁଇଟି ଗୋଲାକାର ଖମ୍ବ ପୋତାଯାଏ। ପ୍ରାୟ ଦେଢ଼ପୁରୁଷ ଉଚ୍ଚରେ ଦୁଇ ଖମ୍ବକୁ ଆଡ଼ିକାଠ ଦ୍ୱାରା ସଂଯୋଗ କରାଯାଏ। ଆଡ଼ିର ମଧ୍ୟଭାଗରେ ଶକ୍ତ ଦଉଡ଼ି ଝୁଲିଥାଏ। ଏହି ଦଉଡ଼ିରେ ଭଗତାମାନଙ୍କ ଗୋଡ଼କୁ ବନ୍ଧାଯାଇ ହୋମକୁଣ୍ଡକୁ ମୁଣ୍ଡ ଝୁଲାଇ ଅଗ୍ନିସ୍ନାନ କରାଯାଏ। ଏହାକୁ ହାନ୍ଦୋଳା କୁହାଯାଏ। ମେରୁ ସନ୍ଧ୍ୟାରେ ଏହି ଖେଳ ହୋଇଥାଏ। ସେହି ରାତିର ଶେଷଭାଗରେ ମାଟିଦଣ୍ଡ ମଶାଲ ଛପାଯାଏ। ପଣା ସଂକ୍ରାନ୍ତିର ସକାଳ ସମୟରେ ଡହଡହ ନିଆଁଗାଡ଼ରେ ୯ରୁ ୨୧ ହାତ, ୧୨୧ ହାତ ନିଆଁଗାଡ଼ରେ ଭଗତାମାନେ ତପସ୍ୱୀଙ୍କ ପରି କାମନାବରଙ୍କୁ ଧରି ଚାଲିଥା'ନ୍ତି। ତେବେ ନିଆଁଗାଡ଼ର ପ୍ରାରମ୍ଭରୁ ମଧ୍ୟବର୍ତ୍ତୀ ଅଞ୍ଚଳରେ ପାଣିକୁଣ୍ଡ କରାଯାଇଥାଏ। ଭଗତା ନିଆଁଗାଡ଼ରେ ଚାଲିବା ପରେ କିଛି ସମୟ ଏଠାରେ ଅଟକି ରହିବାର ବ୍ୟବସ୍ଥା ହୋଇଥାଏ। ପଣା ସଂକ୍ରାନ୍ତିର ପରଦିନ ମଣିମାଙ୍କର ଶୁଦ୍ଧକ୍ରିୟା କରିଥାନ୍ତି। ପାହାଡ଼ ଅଥବା ନିର୍ଦ୍ଦିଷ୍ଟ ସ୍ଥାନରେ ଭଗତାମାନେ ଦଣ୍ଡକୁ ଛପାଇ ରଖନ୍ତି। ସେଠାରେ ଚମ୍ପାବରକୁ ଅଗ୍ନି ନିର୍ବାପନ କରି ଠାକୁରଙ୍କୁ ଯଥା ସ୍ଥାନରେ ଅବସ୍ଥାନ କରାନ୍ତି। ଶେଷରେ ନିଜର ପଇତା ବିସର୍ଜନ କରି ଶୁଦ୍ଧି ହୋଇ ଘରକୁ ଫେରନ୍ତି।



ରବିବାର ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ଅହଲ୍ୟା ଉଦ୍ଧାର ବେଶ।



ନୟାଗଡ଼ ପୁରୁଣା ସହର ଗୁଣ୍ଡିଚା ମଣ୍ଡପରେ ଶ୍ରୀରଘୁନାଥ ଜୀଉ ମନ୍ଦିରରେ ଅହଲ୍ୟା ଉଦ୍ଧାରଣ ବେଶ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବାଶିଷ



@ ସ୍ୱରୂପ



@ ଚନ୍ଦନ



@ ଦିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୭ମ ରାଜସୁନାଖଳା ପ୍ରିମିୟର ଲିଗ୍: ରିଅଲ ଗୋଟ ଚାମ୍ପିୟନ

**ରଣପୁର,୨୯।୩**
**(ସୁକାନ୍ତ କିଶୋର ଡାକୁଆ)**

ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ରାଜସୁନାଖଳା ପ୍ରିମିୟର ଲିଗର ଫାଇନାଲ ମ୍ୟାଚରେ ରିଅଲ ଗୋଟ ଚାମ୍ପିୟନ ହୋଇଛି। ଆଲୋକ କୁମାର ରଣାଙ୍କ ଆବାହକତ୍ୱରେ ରାଜସୁନାଖଳା ଏକାଦଶ ପକ୍ଷରୁ ଆୟୋଜିତ ୭ମ ରାଜସୁନାଖଳା ପ୍ରିମିୟର ଲିଗର ଫାଇନାଲ ରବିବାର ମ୍ୟାଚରେ ରିଅଲ ଗୋଟ ଓ ମନିଂ ରେଜ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରିଅଲ ଗୋଟ ଟସ୍ ଜିତି ପ୍ରଥମେ ବ୍ୟାଟିଂର ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ରିଅଲ ଗୋଟ ୭ ଉଇକେଟ୍ ହରାଇ ୧୦୧ ରନ ସଂଗ୍ରହ କରିଥିଲା। ଜବାବରେ ମନିଂ ରେଜ ଷ୍ଟାର ୭ ଉଇକେଟ ହରାଇ ମାତ୍ର ୯୨ ରନ ସଂଗ୍ରହ କରିଥିଲା। ଫଳରେ ୯ ରନରେ ରିଅଲ ଗୋଟ ବିଜୟୀ ହୋଇଛି। ଏହି ମ୍ୟାଚକୁ ଆମ୍ପାୟର ସୁଶାନ୍ତ କୁମାର ପ୍ରଧାନ ଓ ଲିପୁ ବେହେରା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ଫେଣ୍ଡସ ସ୍ପୋର୍ଟସ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ସଦାଶିବ ସାହୁ, ଜଗନ କୁମାର ନାୟକ, ଫକିରୁଦ୍ଦିନ ବେଗ, ସୁଶାନ୍ତ ନାୟକ, ସନ୍ତୋଷ କୁମାର ପୃଷ୍ଟି , ସମ୍ବିଦ କୁମାର ସାହୁ, ସୁଜିତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ମ୍ୟାଚରେ ସୁବାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ମୁଖ୍ୟ ଅତିଥି ଦେଇ ପୁରସ୍କୃତ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

# ମୋହରିର ସଂଘ କର୍ମକର୍ତ୍ତା ନିର୍ବାଚନ

**ନୟାଗଡ଼,୨୯।୩(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ମୋହରିର ସଂଘର ବାର୍ଷିକ ବୈଠକ ପ୍ରତାପ ପ୍ରସାଦସ୍ଥିତ ମା' ଭୈରବୀ ପୀଠରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଦୟାନିଧି ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାର୍ଷିକ ନିର୍ବାଚନ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କରାଯାଇଥିଲା। ସଭାପତି ଭାବେ ସନ୍ତୋଷ କୁମାର ରାୟ, ଉପସଭାପତି ଉମାକାନ୍ତ ମିଶ୍ର, ସମ୍ପାଦକ ତ୍ରିନାଥ ପରିଡ଼ା, ସହସମ୍ପାଦକ ଦୟାନିଧି ଦାଶ, କୋଷାଧ୍ୟକ୍ଷ ଦେବୀ ପ୍ରସାଦ ବେହେରା ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ କାଳନ୍ଦୀ ଚରଣ ବେହେରା, ନିତ୍ୟାନନ୍ଦ ପରିଡ଼ା, ସରୋଜକାନ୍ତ ସାହୁ ଅନୁରୂପ ଭାବେ ଚୟନ ହୋଇଛନ୍ତି।

# ଭାଜପାରେ ମିଶିଲେ ବଜ୍ରକୋଟ ସରପଞ୍ଚ, ବିଜେଡି କର୍ମୀ

**ରଣପୁର,୨୯।୩**
**(ସୁକାନ୍ତ କିଶୋର ଡାକୁଆ)**

ଆଉ କିଛି ମାସ ପରେ ରାଜ୍ୟରେ ହେବ ପାଞ୍ଚାୟତ ନିର୍ବାଚନ। ଏବେଠାରୁ ବିଭିନ୍ନ ଦଳର ନେତା ଓ କର୍ମୀମାନେ ଦଳଡିଆଁ ଆରମ୍ଭ କରୁଥିବା ଦେଖିବାକୁ ମିଳିଛି। ରଣପୁର ନିର୍ବାଚନମଣ୍ଡଳୀ ଅଧୀନ ବଜ୍ରକୋଟ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ବାଚସ୍ପତି ସୁରମା ପାଢ଼ୀ ଶୁଣିଥିଲେ। ତାଙ୍କ ସହିତ ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ମହିଳାପୁରୁଷ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ ବଜ୍ରକୋଟ ପଞ୍ଚାୟତର ଶତାଧିକ ବିଜେଡି ନେତା ଓ କର୍ମୀ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ସରପଞ୍ଚ ବଜ୍ରକୋଟ ବନ୍ଦିତା ବଳିୟାରସିଂହ, ପୂର୍ବତନ ସରପଞ୍ଚ ବିରଞ୍ଚି ନାରାୟଣ ପ୍ରଧାନ, ପ୍ରଭାସିନୀ ସାହୁ, ଚନ୍ଦ୍ରକାନ୍ତି ସ୍ୱାଇଁ, ସୂର୍ଯ୍ୟମଣି ସ୍ୱାଇଁ, କୁଳମଣି ପ୍ରଧାନ, ଶଙ୍କର ରାଉତ, ଜ୍ୟୋତ୍ସ୍ନାରାଣୀ ରାଉତରାୟ, ସ୍ୱର୍ଣ୍ଣଲତା ମାନ୍ଧାତା, ଚନ୍ଦ୍ରଶେଖର ପ୍ରଧାନ, ସୁମିତ୍ରା ପାଇକରାୟ, ପ୍ରମୋଦ କୁମାର ରାଉତ, ରାଜକିଶୋର ଜେନା, ପ୍ରକାଶ ପରିଡ଼ା, ଶିଶିର କୁମାର ଦଳେଇ, ଚିତ୍ତରଞ୍ଜନ ପ୍ରଧାନ, ଭାଗୀରଥି ଫତେସିଂହ ପ୍ରମୁଖ ବିଜେଡି କର୍ମୀ ଓ ତାଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଜିଲା ଉପସଭାପତି ପରେଶ ମିଶ୍ର, ନିର୍ମଳ କୁମାର ମତ୍ତଗଜସିଂହ, ରଣପୁର ଗ୍ରାମୀଣ ମଣ୍ଡଳ ସଭାପତି ସୁଶାନ୍ତ କୁମାର ବେହେରା, ବଜ୍ରକୋଟ ପଞ୍ଚାୟତ ସଭାପତି ରବୀନ୍ଦ୍ର କୁମାର ସଂଗ୍ରାମସିଂହ ଉପସ୍ଥିତ ଥିଲେ। ଏମାନଙ୍କ ଭାଜପାରେ ଯୋଗଦାନ ପରେ ବଜ୍ରକୋଟରେ ସଙ୍ଗଠନ ମଜଭୁତ ହେବ ବୋଲି ମଣ୍ଡଳ ସଭାପତି ସୁଶାନ୍ତ କୁମାର ବେହେରା ପ୍ରକାଶ କରିଛନ୍ତି।



ବାଚସ୍ପତି ସୁରମା ପାଢ଼ୀଙ୍କ ଉପସ୍ଥିତିରେ ବଜ୍ରକୋଟ ପଞ୍ଚାୟତର ବିଜେଡି ନେତା ଓ କର୍ମୀ ଭାଜପାରେ ସାମିଲ ହେଉଛନ୍ତି।

# ଶ୍ରୀରାମଙ୍କ ବିବାହ, ପର୍ଶୁରାମ ଭେଟ



ଶ୍ରୀରାମଚନ୍ଦ୍ର ଓ ସୀତାଙ୍କ ବିବାହ ଉତ୍ସବର ଏକ ଦୃଶ୍ୟ।



ଶ୍ରୀରାମ ପର୍ଶୁରାମ ଭେଟର ଏକ ଦୃଶ୍ୟ।

## ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ୩ୟ ଦିବସ

**ଦଶପଲ୍ଲା, ୨୯।୩ (ପ୍ରକାଶ କୁମାର ପାଣି)**

ମହାବୀର କ୍ଷେତ୍ର ଦଶପଲ୍ଲାରେ ଚାଲିଥିବା ଭାରତ ପ୍ରସିଦ୍ଧ ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ୩ୟ ଦିବସରେ ଶ୍ରୀରାମଙ୍କ ବିବାହ ଏବଂ ଶ୍ରୀରାମ ପର୍ଶୁରାମ ଭେଟ ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁସାରେ ରବିବାର ପୂର୍ବାହ୍ନରେ ପ୍ରଭୁ ଶ୍ରୀରଘୁନାଥଙ୍କ ମନ୍ଦିରରେ ଶ୍ରୀରାମ ବିବାହ ଏବଂ ରାମ ପର୍ଶୁରାମ ଭେଟ କାର୍ଯ୍ୟକ୍ରମ ନୀତି ଅନୁଷ୍ଠିତ ହୋଇଯାଇଛି। ରାତିରେ ରଙ୍ଗମଞ୍ଚରେ କଳାକାରମାନଙ୍କ ଦ୍ୱାରା ରାମଲୀଳା ମଞ୍ଚସ୍ଥ ହୋଇଥିଲା। ଶିବ ଧନୁ ଭଗ୍ନ ପରେ ଶ୍ରୀରାମ ଏବଂ ସୀତା ବିବାହ ହୋଇଥିଲା। କିନ୍ତୁ ଋଷିଙ୍କ ପରାମର୍ଶ ଅନୁସାରେ ଏହି ଉତ୍ସବ ପାଇଁ ନିମନ୍ତ୍ରଣ ପ୍ରେରଣ କରାଯାଏ ଆଯୋଧ୍ୟକୁ। ଚତୁରଙ୍ଗ ଦଳ ନେଇ ମିଥିଳା ନଗରୀ ରାଜା ଦଶରଥ ଉପସ୍ଥିତ ରୁହନ୍ତି। ରାଜନଗରୀରେ ପ୍ରଭୁ ଶ୍ରୀରାମଙ୍କୁ ସୀତା ଦେବୀ, ଲକ୍ଷ୍ମଣଙ୍କୁ ଉର୍ମିଳା, ଭରତଙ୍କୁ ମାଣ୍ଡବୀ ଓ ଶତ୍ରୁଘ୍ନଙ୍କୁ ସ୍ରୁତକୀର୍ତ୍ତିବିବାହ କରନ୍ତି। ପରେ ଆରମ୍ଭ ହୁଏ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସମୟ। ଉପହାର, ଯୌତୁକ ସହିତ ଆସନ୍ତି ଦାସୀମାନେ। ପୁଅବୋହୂଙ୍କୁ ନେଇ ଫେରିବା ବାଟରେ ଭେଟ ହୁଏ ଭଗବାନ ପର୍ଶୁରାମଙ୍କ ସହିତ। ଶିବଧନୁ ଭାଙ୍ଗିବା ନେଇ ହୁଏ ବାକ୍ୟ ଯୁଦ୍ଧ। ରାଗର ଚରମ ସୀମା ପ୍ରଭୁ ପର୍ଶୁରାମଙ୍କୁ ଶକ୍ତି ପରୀକ୍ଷା ପାଇଁ ଆମନ୍ତ୍ରଣ କରନ୍ତି ପ୍ରଭୁ ଶ୍ରୀରାମ। ନିଜର ଧନୁ ସାହାଯ୍ୟରେ ପର୍ଶୁରାମଙ୍କ ଶକ୍ତି ହରଣ କରନ୍ତି ପ୍ରଭୁ ଶ୍ରୀରାମ। ପର୍ଶୁରାମ, ପ୍ରଭୁ ଶ୍ରୀରାମଙ୍କ ନିକଟରେ ଶରଣ ପଶନ୍ତି। ଗର୍ବ ଘଣ୍ଟନ ହୁଏ ପର୍ଶୁରାମଙ୍କର, ପର୍ଶୁରାମ ଧ୍ୟାନ ପାଇଁ ତପସ୍ଥଳକୁ ପ୍ରସ୍ଥାନ କରିବା ପରେ ଆରମ୍ଭ ହୁଏ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ମହା ଯାତ୍ରା। ସୋମବାର ଚତୁର୍ଥ ଦିନରେ ଗଣ୍ଡାବଧ ପର୍ବ ପାଳନ ପାଇଁ ଚଳଚଞ୍ଚଳ ମହାବୀର କ୍ଷେତ୍ର। ଏକ ବିରାଟ ପଟୁଆର ବାହାରିବ ମନ୍ଦିରଠାରୁ ନେତାଜୀ ମଇଦାନ ପର୍ଯ୍ୟନ୍ତ।

